## ଆଜି କ'ଣ କେଉଁଠି

ଧର୍ମଶାଳା

- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଯାଜପୁରର ବାର୍ଷିକ ଉତ୍ସବ, ସ୍ଥାନ-ଜାରକାସ୍ଥିତ ପ୍ରୟାଗ ମଣ୍ଡପ, ସମୟ ପୂର୍ବାହ୍ନ ୧୦ଟା୩୦।

## ସଂକ୍ଷେପରେ

### ମା'ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ

**ବ୍ରହ୍ମବରଦା, ୨୩।୯ (ଯଯାତି କେଶରୀ ବେହେରା):**

ମା'ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ବ୍ରହ୍ମବରଦା ଦୁର୍ଗାପୂଜା କମିଟି ପକ୍ଷରୁ ଗୁରୁବାର ଯଥାବିଧି ଅନୁଯାୟୀ ମାଟି ଅନୁକୂଳ କରାଯାଇଛି। କମିଟି କର୍ମକର୍ତ୍ତା ଘଣ୍ଟ, ହୁଳହୁଳି, ଶଙ୍ଖ ବଜାଇ ଓ ରୋଷଣି କରି ଗ୍ରାମର ଗ୍ରାମଦେବତୀ ମା' ଚଣ୍ଡିଙ୍କ ପାଖକୁ ଯାଇଥିଲେ। ମା'ଙ୍କ ପାଖରେ ପୂଜାର୍ଚ୍ଚନା ପରେ ମନ୍ଦିର ନିକଟରୁ ମାଟି ପୂଜା କରାଯାଇ ଦୁର୍ଗାଙ୍କ ମଣ୍ଡପକୁ ଅଣାଯାଇଥିଲା। ଏଥିରେ ବ୍ରହ୍ମବରଦା ଦୁର୍ଗାପୂଜା କମିଟି ସଭାପତି ରାକେଶ ଦେଓ, ଉପସଭାପତି ପ୍ରଦୀପ ଦାସ, ସମ୍ପାଦକ ସୁକାନ୍ତ ବେହେରା, କୋଷାଧ୍ୟକ୍ଷ ଅମୂଲ୍ୟ ରାଉତ, ପୂଜକ ଧ୍ରୁବଚରଣ ଅଧିକାରୀ, କର୍ତ୍ତା ବିପିନ ବିହାରୀ ଦେଓ, ଉପକର୍ତ୍ତା ସଂଗ୍ରାମ କେଶରୀ ରାଉତ, ରାଜେଶ କୁମାର ଦେଓ, ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ଓଝା, ପ୍ରତାପ କେଶରୀ ଦେଓ, ଅରୁଣ ବେହେରା, ଚିନ୍ତାମଣି ରାଉତ, ଅଲେଖ ରାଉତ, ସତ୍ୟାନନ୍ଦ ରାଉତ, ଦୀପକ ସାହୁ, ଚିତ୍ତରଞ୍ଜନ ବାରିକ, ହାଡ଼ିବନ୍ଧୁ ଓଝା ଓ ଲଛମନ ମହାରଣା ଉପସ୍ଥିତ ଥିଲେ।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ବରୀ, ୨୩।୯ (ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ୍ ଅଞ୍ଚଳର ଖବରଦାତା ଚୈତନ୍ୟ ଜେନାଙ୍କ ପିତା ଗୌରାଙ୍ଗ ଜେନାଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଧାର୍ମିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ସେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବରୀ ବିଧାୟିକା ସୁନନ୍ଦା ଦାସ, ବରୀ ପଞ୍ଚାୟତ ସମିତିସଭ୍ୟ ସଞ୍ଜୀବ ଜେନା



ଓ ପ୍ରାକ୍ତନ ବରୀ ବିଜେଡି ଅଧ୍ୟକ୍ଷ ସେକ୍ ସଫିକ୍ଉଦ୍ଦିନ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ସରପଞ୍ଚ କୁନା ମଲିକ, ସମିତିସଭ୍ୟ ଶ୍ରୀଧର ସେଠୀ, ଖବରଦାତା ମହେନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ ଦ୍ୱିବେଦୀ, ଦର୍ଶନ ବେହେରା ଓ ରାଜକୁମାର ମହାନ୍ତି ପ୍ରମୁଖ ପହଞ୍ଚି ଗୌରାଙ୍ଗଙ୍କ ଶେଷ ଦର୍ଶନ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

# କେରୁଣା-କୋତପୁର ରାସ୍ତା କାର୍ଯ୍ୟରେ ଅନିୟମିତତା

- ଅବଧି ସମାପ୍ତ ସତ୍ତ୍ୱେ କାର୍ଯ୍ୟ ଅଧପନ୍ତରିଆ
- ଜିଲାପାଳ ଦୃଷ୍ଟିଦେବାକୁ ଅଞ୍ଚଳବାସୀଙ୍କ ଦାବି

**ପ୍ରୀତିପୁର, ୨୩।୯ (ସୁଶାନ୍ତ ବେହୁରିଆ):**

ସରକାର ଗମନାଗମନ କ୍ଷେତ୍ରରେ ଉନ୍ନତି ଆଣିବା ନିମନ୍ତେ ପ୍ରତ୍ୟେକ ବର୍ଷ ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଉପଯୁକ୍ତ ତଦାରଖ ଓ ଠିକାଦାର ପ୍ରୀତି ଯୋଗୁ ବହୁ ରାସ୍ତା କାର୍ଯ୍ୟରେ ଅନିୟମିତତା ଦେଖାଦେବା ସହିତ କାର୍ଯ୍ୟରେ ସ୍ଥାୟିତ୍ୱ ପ୍ରତି ଆଶଙ୍କା ସୃଷ୍ଟି ହେଉଛି। ଯାହାର ଏକ ଉଦାହରଣ ବିଞ୍ଝାରପୁର ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧୀନ ବିଞ୍ଝାରପୁର ସେକ୍ସନର କେରୁଣାଠାରୁ କୋତପୁର ଭାୟା ମାନସିଂହ ପାଟଣା, ଧୋବକୋଇଲି, ଚାଉଳିଆ ଓ ଦକ୍ଷିଣବନ୍ଧ ରାସ୍ତା କାର୍ଯ୍ୟରେ ଦେଖାଯାଇଛି। ଏହି ରାସ୍ତା ନିର୍ମାଣ ହେଲେ ଦଶରଥପୁର ବ୍ଲକର ଅସନପୁର, କନିକାପଡ଼ା, ପାଲଟପୁର, ଥାଲକୁଡ଼ି ଓ ଖାନନଗର ପଞ୍ଚାୟତର ୨୦ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ। ଏହି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା ନିର୍ମାଣ ଅଟକଳର



ରାସ୍ତା କାର୍ଯ୍ୟ ପାଇଁ ଲାଗିଥିବା ଫଳକ।

ମୂଲ୍ୟ ୩ କୋଟି ୯୦ ଲକ୍ଷ ୫୮ ହଜାର ଓ ଏହାର ୫ ବର୍ଷ ରକ୍ଷଣାବେକ୍ଷଣ ଅଟକଳ ମୂଲ୍ୟ ୨୭ ଲକ୍ଷ ୩୦ ହଜାର ଟଙ୍କା ରହିଛି। ୧୯।୧୦।୨୦୨୨ରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୮।୭।୨୦୨୩ରେ ସମାପ୍ତ ହେବାକୁ ଚୁକ୍ତି ହୋଇଥିଲା। ହେଲେ ଅବଧିର ୨ ମାସ ଅତିକ୍ରାନ୍ତ ପରେ ସୁଦ୍ଧା ରାସ୍ତା କାର୍ଯ୍ୟ ୨୫ ପ୍ରତିଶତ ସମାପ୍ତ ହୋଇନାହିଁ। ରାସ୍ତାର ମଧ୍ୟ ଭାଗ ୩.୭୫ ମିଟର ପ୍ରସ୍ଥ ଥିବାବେଳେ ଉଭୟ ପାର୍ଶ୍ୱ ଆପ୍ରୋଚକୁ ମିଶାଇ ଏହା ୬ ମିଟର ରାସ୍ତାରେ ପରିଣତ ହେବ। ମୋଟ୍ ରାସ୍ତାରୁ ୨ କି.ମି. ୬୫୪ ମିଟର ରାସ୍ତା ପିଚୁ ଓ ୪ କି.ମି. ୫୯୨ ମିଟର ରାସ୍ତାର ଫେଭର ବ୍ଲକ ବିଛାଯିବ। ବର୍ତ୍ତମାନ କେରୁଣା ଗ୍ରାମରେ ମେଟାଲିଂ କାର୍ଯ୍ୟ ଚାଲୁରହିଥିବାବେଳେ ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ରାସ୍ତାରେ ସର୍ବନିମ୍ନ ୪ ଇଞ୍ଚର ମେଟାଲ ବିଛାଯିବାର ନିୟମ ରହିଥିବାବେଳେ ଏଠାରେ ମାତ୍ର ୩ ଇଞ୍ଚରୁ କମ ମୋଟେଇର ମେଟାଲ ବିଛା ଯାଉଥିବା ଦେଖାଯାଇଛି।

ମେଟାଲିଂ କାର୍ଯ୍ୟରେ ମେଟାଲ ପରିମାଣ କମ୍ ଓ ଡଷ୍ଟର ପରିମାଣ ଅଧିକ ରହୁଛି। ସେହିପରି ଦାମୋଦରପୁର ଗ୍ରାମରେ ଫେଭର ବ୍ଲକ କାର୍ଯ୍ୟ ଚାଲିଥିବାବେଳେ ଏହା ତଳେ ଖୁବ କମ ପରିମାଣରେ ବାଲି ବିଛା ଯିବା ଯୋଗୁ ରାସ୍ତା ଖାଲ ଢିପ ଦେଖାଯାଉଛି। ଫଳରେ ସାମାନ୍ୟ ବର୍ଷାରେ ବର୍ଷାଜଳ ଓ ମାଟି କାଦୁଅ ଆସି ରାସ୍ତାରେ ଜମାହେଉଛି। ରାସ୍ତା କାର୍ଯ୍ୟରେ ନିମ୍ନମାନର ସିମେଣ୍ଟ, ଗୋଡି ସହ ମାଟି/କାଦୁଅ ମିଶା ବାଲି ବ୍ୟବହାର କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅଗୋଚରରେ ଠିକାଦାର ନିମ୍ନମାନର କାର୍ଯ୍ୟ କରୁଛନ୍ତି। ସେ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗକୁ ଭ୍ରୂକ୍ଷେପ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟରେ ହେଉଥିବା ଅନିୟମିତତାର ତଦନ୍ତ କରି ଦାୟୀ ଠିକାଦାର ଓ ଅଧିକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି। ଏ ସମ୍ପର୍କରେ ଗ୍ରାମ ଉନ୍ନୟନ ବିଭାଗ ବିଞ୍ଝାରପୁର ସେକ୍ସନ ଦାୟିତ୍ୱରେ ଥିବା ଯନ୍ତ୍ରୀ ଅଶୋକ କୁମାର ଜେନାଙ୍କୁ ପଚାରିବାରେ ସେ କହିଛନ୍ତି, ଏହା ଉପରେ ତଦାରଖ କରିବେ। ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ।

# ମୋବାଇଲ ଫୋନ୍ ଲୁଟ୍ ଅଭିଯୋଗରେ ୨ ଗିରଫ

**ରସୁଲପୁର, ୨୩।୯ (ରଞ୍ଜିତ ରାଉତ):**

ମୋବାଇଲ୍ ଫୋନ୍ ଲୁଟ୍ ଅଭିଯୋଗରେ କୁଆଖିଆ ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କ ନିକଟରୁ ୨ ଚୋରି ମୋବାଇଲ୍ ଫୋନ୍ ଓ ଏକ ବାଇକ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ବରୀ-ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ରମ୍ଭା ପଞ୍ଚାୟତ ପଗିରା ଗ୍ରାମର ରାହୁଲ ମଲିକ(୪୧) ଓ ରାଜୀବ ଜେନା(୩୪)। ରାହୁଲ ମୋବାଇଲ କିଣିଥିବା ଅଭିଯୋଗରେ ଗିରଫ ହୋଇଥିବାବେଳେ ରାଜୀବ ମୋବାଇଲ ଲୁଟ୍‌ରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫ ହୋଇଛନ୍ତି।

ଚଳିତ ମାସ ୭ତାରିଖ ରାତି ପ୍ରାୟ ୯ଟାରେ ରାହୁଲ ତାଙ୍କ ସମ୍ପର୍କୀୟ ଏହି ଥାନା ଅନ୍ତର୍ଗତ ସୁଆଁସାହି ଗ୍ରାମର ଶ୍ରୀକାନ୍ତ ମଲିକଙ୍କ ସହ ମିଶି ରାଜପଥରୁ ମୋବାଇଲ ଲୁଟ୍ କରିବାକୁ ଯୋଜନା କରିଥିଲେ। ସେମାନେ କୁଆଖିଆ ସତ୍‌ସଙ୍ଗ ବିହାର ନିକଟରୁ କୁଆଖିଆ ଥାନା ରାହାମ୍ବା ପଞ୍ଚାୟତ ସଦାନନ୍ଦପୁର ଗ୍ରାମର ଇନ୍ଦୁଭୂଷଣ ମହାନ୍ତିଙ୍କ ସାର୍ଟ

**୨ ମୋବାଇଲ ଫୋନ୍, ଗୋଟିଏ ବାଇକ୍ ଜବତ**

ପକେଟରୁ ୨ ମୋବାଇଲ ଫୋନ୍ ଲୁଟି ନେଇଥିଲେ। ପରେ ସେମାନେ ବାଇକ୍ ଯୋଗେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଉଭୟଙ୍କୁ ଇନ୍ଦୁଭୂଷଣ ପିଛା କରିଥିଲେ। ରାଜପଥ ଉପରିସ୍ଥ ଏକ ମାଟି ଗଦାରେ ଯୁବକଦ୍ୱୟଙ୍କ ବାଇକ୍ ଫସି ଯାଇଥିଲା। ଫଳରେ ସେମାନେ ଘଟଣାସ୍ଥଳରେ ବାଇକ୍ ଛାଡ଼ି ପଳାଇଥିଲେ। ପରେ ରାଜୀବ ଲୁଟ କରିଥିବା ମୋବାଇଲ ୨ଟିରୁ ଗୋଟିଏକୁ ତାଙ୍କ ଗ୍ରାମର ରାହୁଲଙ୍କୁ ୩୫୦୦ଟଙ୍କାରେ ବିକ୍ରି କରି ଦେଇଥିଲେ। ଆଉ ଏକ ମୋବାଇଲକୁ ସେ ନିଜେ ବ୍ୟବହାର କରୁଥିଲେ। ଏନେଇ ଇନ୍ଦୁଭୂଷଣ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଚୋରି ମୋବାଇଲକୁ ଟ୍ରାକିଂ କରି ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଏନେଇ ଥାନାରେ ନ.୩୩୩/୨୩ରେ ଏକ ମାମଲା ରୁଜୁ ହୋଇଛି।

# ବନ୍ଧମୁଣ୍ଡା ଘାଟରୁ ବାଲି ଚୋରାଚାଲାଣ



ନଦୀରୁ ବାଲି ଚାଲାଣ ହେଉଛି।

**ଯାଜପୁର ଟାଉନ, ୨୩।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁରର ପ୍ରମୁଖ ନଦୀ ହେଉଛି ବୈତରଣୀ, ଖରସୋତ୍ରା ଓ ବୁଢ଼ା। ଏସବୁ ନଦୀ ଉପରେ ଯାଜପୁର ଜିଲାର ଲୋକେ ନିର୍ଭର କରିଥାନ୍ତି। କିନ୍ତୁ ଦେଖିବାକୁ ମିଳୁଛି ଏହି ପ୍ରମୁଖ ନଦୀଗୁଡ଼ିକରୁ ଦିନରାତି ମାଫିଆମାନେ ବାଲି ଚୋରା ଚାଲାଣ କରୁଛନ୍ତି। ଯାଜପୁର ବ୍ଲକ ଅଧୀନରେ ଥିବା ବନ୍ଧମୁଣ୍ଡାଘାଟରୁ ଡଙ୍ଗା ପକାଇ ମାଫିଆମାନେ ବାଲି ନେଉଛନ୍ତି। ଦିନ ଓ ରାତିରେ ଶହଶହ ଗାଡ଼ିରେ ବାଲି ଜିଲ୍ଲା ଓ ଜିଲ୍ଲା ବାହାରକୁ ଚାଲାଣ କରାଯାଉଛି। ସବୁଠାରୁ ବଡ଼ କଥାହେଲା ପୋଲର ଅତି ନିକଟରୁ ମାଫିଆମାନେ ବାଲି ଉଠାଉଛନ୍ତି। ଏ ଦିଗରେ ଯାଜପୁର ଜିଲା ପ୍ରଶାସନ ଅନୁକମ୍ପା ଦେଖାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏ ଘାଟକୁ ଶାସକ ଦଳର ଜଣେ ନେତା ନିଜ ନିୟନ୍ତ୍ରଣରେ ରଖିଥିବାରୁ ପ୍ରଶାସନ ନୀରବରେ ବସିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ଘାଟରୁ ହାଇଓ୍ୱା, ଡମ୍ଫର ଓ ଟ୍ରକ୍‌ରେ ଲୋଡ୍ ହୋଇ ବାଲି ଯିବା ଦ୍ୱାରା ନଦୀବନ୍ଧଗୁଡିକ ନଷ୍ଟ ହେବାରେ ଲାଗିଛି। ଗାଁ ଲୋକେ ବ୍ଲକ୍ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏପରିକି ବେଆଇନ୍ ଭାବେ ଡଙ୍ଗା ଓ ଜେସିବି ଲଗାଇ ବାଲି ଉଠାଯାଉଥିବା ବେଳେ ପ୍ରଶାସନ ଚୁପ୍ ରହିବା ସମସ୍ତଙ୍କୁ ଚକିତ କରିଛି। ଏ ସମ୍ପର୍କରେ ଯାଜପୁର ତହସିଲଦାର ଜ୍ୟୋତିକାନ୍ତ ଭୂଜବଳଙ୍କୁ ପଚାରିବାରେ ସେ କୌଣସି ପ୍ରତିକ୍ରିୟା ଦେବେ ନାହିଁ ପ୍ରକାଶ କରିଛନ୍ତି।

## ପୃଥକ୍ ସଡ଼କ ଦୁର୍ଘଟଣାରେ ୫ ଆହତ

**ଚାନ୍ଦବାଲି, ୨୩।୯ (କିଶାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ଶନିବାର ଦୁଇଟି ସଡ଼କ ଦୁର୍ଘଟଣାରେ ୫ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୩ ମହିଳା ଓ ୨ଜଣ ପୁରୁଷ ଅଛନ୍ତି। ସମସ୍ତ ଆହତଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୪ ଗୁରୁତରଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଚାନ୍ଦବାଲି ଏନ୍‌ଏସିସ୍ଥିତ ତାରିଣୀ ଛକ ନିକଟରେ ଅପରାହ୍ନରେ ମନୋଜ ମହାଳିକ ବାଇକ୍‌ରେ ରାଜକନିକା ପଟୁ ଆସୁଥିବା ବେଳେ ପୋଲିସ ଚେକ୍ ପୋଷ୍ଟରେ ଧକ୍କା ହୋଇ ଆହତ ହୋଇଛନ୍ତି। ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ସେହିପରି କୁଆଁରସର ନିକଟରେ ନିଗମାନନ୍ଦ ବିଶ୍ୱାଳ ବାଇକ୍‌ରେ ଚାନ୍ଦବାଲି ପଟୁ ଯାଉଥିବା ଗଣେଶ ଭସାଣି ଦେଖୁଥିବା ୩ ମହିଳାଙ୍କ ସହ ଧକ୍କା ହୋଇଥିଲେ। ୩ ମହିଳାଙ୍କ ସହ ନିଗମାନନ୍ଦ ଗୁରୁତର ହୋଇଛନ୍ତି।

## ଗୋଳେଇପୁର ପଞ୍ଚାୟତରେ ନାହିଁ ଶବଦାହ ଗୃହ

**ପାଣିକୋଇଲି, ୨୩।୯ (ବିକାଶ ମଲ୍ଲିକ):**

କୋରେଇ ବ୍ଲକ୍ ଅଧୀନ ଗୋଳେଇପୁର ପଞ୍ଚାୟତରେ ଶବଦାହ ଗୃହନାହିଁ। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ପଞ୍ଚାୟତର ସୋତି, ହାଟସାହି, ଖାନ୍ଦରାପୁର (ସିଙ୍ଗଡ଼ା) ସାନସୋତୀ ଓ ତେଲିଆ ଆଦି ଗ୍ରାମରେ ବର୍ଷା ଦିନରେ ଯଦି କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହୁଏ ତେବେ ତାଙ୍କର ସମ୍ପର୍କୀୟ ମୃତଦେହ ଦାହ କରିବା ଲାଗି ପାଣି କାଦୁଅରେ ପଶିବା ସହିତ ବର୍ଷା ଲାଗି ଶୋଚନୀୟ ପରିସ୍ଥିତିର ସାମ୍ନା କରନ୍ତି। ଏପରି ସ୍ଥଳରେ ବହୁ ବ୍ୟକ୍ତି ମୃତବ୍ୟକ୍ତିଙ୍କୁ ପୋଡ଼ିବା ପରିବର୍ତ୍ତେ ପୋତିଦିଅନ୍ତି। ଯଦ୍ୱାରା ସଂକ୍ରମଣର ଆଶଙ୍କା ବଢି ଯାଇଥାଏ। ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ସ୍ଥାନୀୟ ଆବଶ୍ୟକତାକୁ ହୃଦୟଙ୍ଗମ କରି ଶଶ୍ମାନରେ ଦୁଇ ବା ତତୋର୍ଦ୍ଧ୍ୱ ଶବଦାହ ଗୃହ ନିର୍ମାଣ କରୁଥିବାବେଳେ ଗୋଳେଇପୁର ପଞ୍ଚାୟତରେ ଗୋଟିଏ ବି ଶବଦାହ ଗୃହ ନିର୍ମାଣ ନ କରିବା ପ୍ରଶାସନର ଦାୟିତ୍ୱହୀନତାକୁ ପ୍ରମାଣ କରୁଛି। ଏନେଇ ଗୋଳେଇପୁର ପୂର୍ବତନ ସମିତିସଭ୍ୟା ଭାନୁପ୍ରଭା କରଣ କୋରେଇ ବ୍ଲକ ପ୍ରଶାସନର ବହୁ ଥର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଦ୍ୟାବଧି ପଞ୍ଚାୟତରେ ଶବଦାହ ଗୃହ ନିର୍ମାଣ ହୋଇ ପାରିନାହିଁ। ଫଳରେ ଏହାକୁ ନେଇ ପଞ୍ଚାୟତବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେବାକୁ ଦାବି ହୋଇଛି।

## ଆଇନ ସାକ୍ଷରତା, ସଚେତନତା ଶିବିର




ସଚେତନତା ଶିବିରରେ ମଞ୍ଚାସୀନ ସବ୍‌ଜଜ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଓ ଅନ୍ୟମାନେ।

**ଚଣ୍ଡିଖୋଲ, ୨୩।୯ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ ବଡ଼ଚଣାସ୍ଥିତ ମହାବିନାୟକ ବିଦ୍ୟାଳୟଠାରେ ଆଇନ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକ ଆଇନ ସେବା କେନ୍ଦ୍ର ଅଧ୍ୟକ୍ଷ ତଥା ଚଣ୍ଡିଖୋଲ କୋର୍ଟ ସବ୍‌ଜଜ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଏମ୍‌ଏଫସି ଲକ୍ଷ୍ମୀପ୍ରିୟା ସ୍ୱାଇଁ, କୋର୍ଟ ବାର ଆସୋସିଏଶନ ସଭାନେତ୍ରୀ ରେଣୁବାଳା ମହାନ୍ତି, ପ୍ରାକ୍ତନ ସଭାପତି ଦେବରାଜ ବେହେରା, ଆଇନଜୀବୀ କିଶୋର କୁମାର ନାୟକ, ଦୀନବନ୍ଧୁ ନାୟକ, ଜ୍ୟୋତି ଶଙ୍କର ମହାପାତ୍ର ଓ ଜାଗୃତି ବାରିକ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଶିକ୍ଷକ ଅନାମ ଚରଣ ପୃଷ୍ଟି, ଶ୍ରୀକାନ୍ତ ନନ୍ଦ, ପ୍ରକାଶ ଦଳେଇ ଓ ସୌଦାମିନୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଦେଇ ଧନ୍ୟବାଦ ଦେଇଥିଲେ।

## ଟ୍ରକ୍ ପଛକୁ ପିଟିଲା ବାଇକ୍

**ରୂପସା, ୨୩।୯ (ବାଞ୍ଛାନିଧି ଦେ)**

ବାଲେଶ୍ୱର ୧୬ ନଂ. ଜାତୀୟ ରାଜପଥର ହଳଦୀପଦା ଫାଣ୍ଡି ଅଧୀନ ନିଧିପଣ୍ଡା ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଟ୍ରକ ପଛକୁ ଜଣେ ବାଇକ ଚାଳକ ପିଟି ହେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ବସ୍ତା ଥାନା ରସଲପୁର ପଞ୍ଚାୟତ ବରେନ୍ଦ୍ର ବାରିକଙ୍କ ପୁଅ ଅବିନାଶ ବାରିକ(୨୩)।

ଅବିନାଶ ସମ୍ପର୍କୀୟଙ୍କ ବାଇକ(ନଂ. ଓଆର ୦୧ଭି ୪୨୬୯) ଯୋଗେ ବସ୍ତାରୁ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଏକ ହାଇଓ୍ୱା (ନଂ. ୩୧ଏ ୨୨୨୭) ନିଧିପଣ୍ଡା ଛକ ରାସ୍ତ ପାର୍ଶ୍ୱରେ ଛିଡା ହୋଇଥିଲା।

**ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ**

ଅସାବଧାନତାବଶତଃ ଅବିନାଶ ଛିଡା ହୋଇଥିବା ହାଇଓ୍ୱାର ପଛକୁ ପିଟି ହୋଇଥିଲେ। ଘଟଣାସ୍ଥଳରେ ଅବିନାଶଙ୍କ ମୃତ୍ୟୁ ହୋଇଥିଲା। ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ସହ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଆମ୍ବୁଲାନ୍ସ ସହାୟତାରେ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଥିଲେ। ବାଇକ ଓ ହାଇଓ୍ୱାକୁ ହଳଦୀପଦା ଫାଣ୍ଡି ପୋଲିସ ହେପାଜତରେ ରଖାଯାଇଛି।

# ସମବାୟ ସମିତି କାର୍ଯ୍ୟାଳୟରେ ଲହଡ଼ି ମାରୁଛି ପାଣି

**ପାଣିକୋଇଲି, ୨୩।୯ (ବିକାଶ ମଲ୍ଲିକ):**

ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ମଧ୍ୟରେ ଲହଡି ମାରୁଛି ବର୍ଷା ପାଣି। ବହୁ ପୁରାତନ ଏହି ସେବା ସମବାୟ ସମିତି ନିଜସ୍ୱ ଗୃହରେ ଚାଲିଛି। ପାଣିକୋଇଲି, ପଥରପଦା ପଞ୍ଚାୟତ ଓ ଗୋଳେଇପୁର, କରଦା, ଧନେଶ୍ୱର ପଞ୍ଚାୟତର ଆଂଶିକ ଗ୍ରାମକୁ ନେଇ ଏହି ସେବା ସମବାୟ ସମିତିଃ ଗଠିତ। କୋରେଇ ବ୍ଲକର ସବୁଠୁ ଅଧିକ ଚାଷୀ ଏହି ସେବା ସମବାୟ ସମିତିର ସଭ୍ୟ। ଏଠାରେ ମିନିବ୍ୟାଙ୍କ ରହିଛି। ହେଲେ ବହୁ ପୂର୍ବରୁ ନିର୍ମିତ ଏହି ସେବା ସମବାୟ ସମିତି ଗୃହଠାରୁ ରାସ୍ତା ଉଚ୍ଚତା ବଢି ଯାଇଛି। ଡ୍ରେନେଜ ସୁବିଧା ନ ଥିବାରୁ ଅସରାଏ ପାଣି ହେଲେ ସମବାୟ ସମିତି କାର୍ଯ୍ୟାଳୟ ମଧ୍ୟରେ ପାଣି ପଶୁଛି। କାର୍ଯ୍ୟାଳୟ ସମ୍ମାରେ ପାଣି ରହିବାରୁ ଏହାକୁ ପୋତି ଦିଆଯାଇଛି। ମାତ୍ର ଅସରାଏ ବର୍ଷା ହେବା ଫଳରେ କାର୍ଯ୍ୟାଳୟ ମଧ୍ୟରେ ପାଣି ପଶୁଛି,




ପାଣିକୋଇଲି କୃଷି ସମବାୟ ସମିତି କାର୍ଯ୍ୟାଳୟ ଭିତରେ ବର୍ଷା ପାଣି ଜମିରହିଛି।

ଯାହାକୁ ନିଷ୍କାସନ କରିବାର କୌଣସି ବ୍ୟବସ୍ଥା ମଧ୍ୟ ନାହିଁ। ଏହି କାର୍ଯ୍ୟାଳୟ ମଧ୍ୟକୁ ଯିବାକୁ ହେଲେ ବାଲି ବସ୍ତା ଉପରେ ଡେଇଁଡେଇଁ ଯିବାକୁ ପଡୁଛି। କାର୍ଯ୍ୟାଳୟ ପରିସରରେ ସମବାୟ ସମିତିର ଜମି ରହିଛି। ତେଣୁ ସେହି ସ୍ଥାନରେ ନୂତନ ଗୃହ ନିର୍ମାଣ କରିବାର ଆବଶ୍ୟକତା ଦେଖାଦେଇଛି। ଏ ଦିଗରେ ବିଭାଗ ପକ୍ଷରୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଧାନ କ୍ଷେତରେ ପଡ଼ିଥିବା ଯୁବକ ଉଦ୍ଧାର

**କଳିଙ୍ଗନଗର, ୨୩।୯ (ଶୁଭାଶିଷ ରାଉତ):**

ଦାନଗଦି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ସାତବାଂଶିଆ ଗାଁ ନିକଟ ଟୋଲଙ୍ଗମୂଳ ଧାନ ବିଲ ପାଣିରେ ପଡ଼ିଥିବା ଜଣେ ଯୁବକଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଛି। ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରି ଦାନଗଦି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିଛି। ହେଲେ ତାଙ୍କ ପରିଚୟ ମିଳିପାରିନାହିଁ। ଜଣେ ଯୁବକ ବିଲ ମଧରେ ଥିବା ପାଣିରେ ପଡ଼ି ଛଟ ପଟ ହେଉଥିବା ଶନିବାର ସକାଳୁ ସାତବାଂଶିଆ ଗ୍ରାମର ଅଭିମନ୍ୟୁ ଦେହୁରି ଦେଖିବାକୁ ପାଇଥିଲେ। ପରେ ସେ ଦାନଗଦି ଅଗ୍ନିଶମ ବାହିନୀ ଅଧିକାରୀ ଦାଶରଥି ନାୟକ ଏବଂ ଦାନଗଦି ଫାଣ୍ଡି ଅଧିକାରୀ ଅଜୟ କୁମାର ସାହୁଙ୍କୁ ଖବର ଦେଇଥିଲେ। ସେମାନେ ଘଟଣା ସ୍ଥଳରେ ପହଞ୍ଚି ବିଲରେ ଆଣ୍ଠୁଏ ପାଣିରେ ପଡ଼ିଥିବା ଯୁବକଙ୍କୁ ଉଦ୍ଧା କରି ଦମକଳ ଗାଡ଼ିରେ ଦାନଗଦି ଡାକ୍ତରଖାନା ନେଇଥିଲେ। ଡାକ୍ତରଖାନା ଅଧିକାରୀ ଡା. ଜ୍ୟୋତି ପ୍ରକାଶ ସାହୁ ଓ ଅନ୍ୟ ଡାକ୍ତରଙ୍କ ପ୍ରଚେଷ୍ଟାରେ ଯୁବକ ଜଣକ ବଞ୍ଚି ଯାଇଛନ୍ତି।

# ଅବହେଳିତ ଅବସ୍ଥାରେ ଷ୍ଟିଲ୍ ଓପନ ବୋଟ

- ପ୍ରଶାସନର ଦୃଷ୍ଟି ପଡୁନାହିଁ
- ରକ୍ଷଣାବେକ୍ଷଣ ବ୍ୟବସ୍ଥା ଦାବି

**କାଏମା, ୨୩।୯ (ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ବ୍ରିଜର ପାଲା ଚାନ୍ଦିନୀ ନିକଟ କେଲୁଅ ନଦୀକୂଳରେ ପଡ଼ିରହିଛି ମୋଟର ଚାଳିତ ବୋଟ ଏସ୍‌ଓବି(ଷ୍ଟିଲ ଓପନ ବୋଟ)। ଏହା ଅବହେଳିତ ଅବସ୍ଥାରେ ଥିବାରୁ ଗଛଲତା ମାଡ଼ିଗଲାଣି। ଧର୍ମଶାଳା ଅଞ୍ଚଳରେ ଏହା ଏକମାତ୍ର ଷ୍ଟିଲ ଓପନ ବୋଟ ହୋଇଥିବାରୁ ଏହାକୁ ଧର୍ମଶାଳାର ଐତିହ୍ୟ ବୋଟ ମଧ କୁହାଯାଏ। ଏହାର ବିଶେଷତ୍ୱହେଲା ବର୍ଷାଖରା ସବୁ ସମୟରେ ଏହାକୁ ବ୍ୟବହାର କରାଯାଇପାରିବ। ବ୍ରାହ୍ମଣୀ ନଦୀର ଶାଖା କେଲୁଅ ନଦୀରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳ ଲୋକମାନଙ୍କ ସୁରକ୍ଷା ଓ ସ୍ଥାନାନ୍ତର କରିବା ପାଇଁ ଏହି ବୋଟକୁ ନିୟୋଜିତ କରାଯାଇଥିଲା। ଏଥିପାଇଁ ସ୍ୱତନ୍ତ୍ର




ମୋଟର ଚାଳିତ ବୋଟ ଏସ୍‌ଓବି ଉପରେ ଗଛ ଲତା ମାଡ଼ିଗଲାଣି।

ତାଲିମପ୍ରାପ୍ତ ଡ୍ରାଇଭରଙ୍କ ବ୍ୟବସ୍ଥା କରାଯାଇଥିଲା। ତାଙ୍କ ରହିବା ପାଇଁ ସରକାରୀ ଘର ଦିଆଯାଇଥିଲା। କିନ୍ତୁ କାଳକ୍ରମେ ଏବେ ସେ ସବୁ କିଛି ଦେଖିବାକୁ ମିଳୁନାହିଁ। ଅଣଦେଖାରେ ବହୁଦିନ ଧରି ପଡ଼ି ରହି ରହି ବୋଟର ତଳ ଫୁଟିଯାଇଥିଲା। ସରକାରୀ ଟଙ୍କା ଖର୍ଚ୍ଚ କରାଯାଇ ଏହାକୁ ମରାମତି କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏବେ ସେହି ଅବହେଳାର ଆଉଥରେ ପୁନରାବୃତ୍ତି ହେବାକୁ ଯାଉଛି। ତେଣୁ ଐତିହ୍ୟ ବୋଟର ରକ୍ଷଣବେକ୍ଷଣ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

# କ୍ଷେତରେ ଦିଶୁନି ଧଣିଚା, ନଳିତା ଚାଷ

**କେନ୍ଦ୍ରାପଡ଼ା,୨୩।୯ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷିଭିତ୍ତିକ। ଏବେ ଖରିଫ ଧାନ ଚାଷ ହେଉଥିବା ବେଳେ ଏହି ସମୟରେ କ୍ଷେତରେ ଧଣିଚା ଓ ନଳିତା ଚାଷ ଦେଖିବାକୁ ମିଳୁଥିଲା । ତେବେ ଚଳିତ ବର୍ଷ କ୍ଷେତରେ ଏହି ଦୃଶ୍ୟ ଦେଖିବାକୁ ମିଳୁନାହିଁ । କେନ୍ଦ୍ରାପଡା ବ୍ଲକ ଅଧୀନ ଜଜାଙ୍ଗସ୍ଥ ଝୋଟ ଗବେଷଣା କେନ୍ଦ୍ର ଅସ୍ତିତ୍ୱ ହରାଇବାକୁ ବସିଛି । କୃଷି ବିଭାଗ ପକ୍ଷରୁ ଉପଯୁକ୍ତ ସମୟରେ ବିହନ ମିଳୁନାହିଁ । ସେହିପରି ବଜାରରୁ ମିଳୁଥିବା ମଞ୍ଜି ଚଢ଼ା ଦରରେ ମିଳୁଥିବା ବେଳେ ଅଧିକାଂଶ ବିହନ ଉତ୍ପାଦନକ୍ଷମ ନୁହେଁ ବୋଲି ଚାଷୀମାନେ ମତ ଦେଇଛନ୍ତି ।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ ଜଜାଙ୍ଗ ଗ୍ରାମର ଚାଷୀ ହରିହର ବେହେରା କହିଛନ୍ତି, ଏହି ଜିଲା ଏକଦା ଝୋଟ ଉତ୍ପାଦନ କ୍ଷେତ୍ରରେ ସୁନାମ ଆଣିଥିଲା । ଏପରିକି ଏହାର ପ୍ରଚାର, ପ୍ରସାର ସହିତ ଆର୍ଥିକ ସ୍ୱାବଲମ୍ବିତା ପାଇଁ କେନ୍ଦ୍ରାପଡ଼ା ବ୍ଲକ ଜଜାଙ୍ଗଠାରେ ଝୋଟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା । ଏଠାରେ ମଧ୍ୟ ନୂତନ ୩ ପ୍ରକାର ନଳିତା ମଞ୍ଜି ସୃଷ୍ଟି କରି ବୈଜ୍ଞାନିକମାନେ ଚାଷୀଙ୍କ ଅର୍ଥନୀତିକୁ ସଚଳ କରିଥିଲେ । ତେବେ ଏହି ଗବେଷଣା କେନ୍ଦ୍ର ଏବେ ନାମକୁ ମାତ୍ର ରହିଛି । ପ୍ଲାଷ୍ଟିକର ଚାହିଦା ଓ ସରକାରୀ ପ୍ରୋତ୍ସାହନ ଅଭାବରୁ ଚାଷୀ ନଳିତା ଚାଷ ପ୍ରତି ଆଗ୍ରହ ଦେଖାଉନାହାନ୍ତି । ଚଢ଼ା ଦରରେ ଖୋଲା ବଜାରରୁ ମଞ୍ଜି କ୍ରୟ


ଗୋବରୀ କେନାଲରେ ଝୋଟ ପ୍ରସ୍ତୁତ କରାଯାଉଛି।

ହେଉଥିବା ବେଳେ ଗତ ବର୍ଷ ତୁଳନାରେ ୯୦ ପ୍ରତିଶତ ଚାଷ କମିଛି ବୋଲି ଚାଷୀମାନେ ମତ ଦେଇଛନ୍ତି । ଏସମ୍ପର୍କରେ କୃଷକନେତା ବିଧୁଭୂଷଣ ମହାପାତ୍ର କୁହନ୍ତି, ୨୦୦୫ରେ କେନ୍ଦ୍ରାପଡ଼ା ଜିଲାର ମୋଟ ୨୧୫୨ ହେକ୍ଟର ଅଞ୍ଚଳରେ ଲଳିତା ଚାଷ ହୋଇଥିଲା । ଜଳବାୟୁ, ମୃତ୍ତିକା ଏହି ଚାଷ ପାଇଁ ଉପଯୁକ୍ତ ଥିବାରୁ ୨୦୧୦ରେ ଏହାର ପ୍ରସାର ହୋଇ ୮ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ କ୍ଷେତରେ ଚାଷ ହୋଇଥିଲା । ଏହାକୁ ଲକ୍ଷ୍ୟ କରି ସହର ନିକଟସ୍ଥ ଜଜାଙ୍ଗଠାରେ ୪୬ ଏକର ଜମିରେ ଝୋଟ ଗବେଷଣାଗାର ପ୍ରତିଷ୍ଠା ହୋଇଥିଲା । ବିଭିନ୍ନ କିସମର

■ ନାମକୁ ମାତ୍ର ରହିଛି ଝୋଟ ଗବେଷଣା କେନ୍ଦ୍ର
■ ଚଢ଼ାଦରରେ ବଜାରରୁ ମଞ୍ଜି କିଣୁଛନ୍ତି ଚାଷୀ

ବିହନ ସହଯୋଗରେ ଏହି ଲଳିତା ଚାଷ ୨୦୧୪ରେ ୧୪ ହଜାର ହେକ୍ଟରକୁ ବୃଦ୍ଧି ପାଇଥିବା ବେଳେ ଗତ ୫ ବର୍ଷ ଧରି ଏହି ଗବେଷଣା କେନ୍ଦ୍ରରୁ ବିହନ ବିକ୍ରି ବନ୍ଦ ହୋଇଯାଇଛି । ଜିଲା ପାଇଁ ପ୍ରତିବର୍ଷ ପ୍ରାୟ ୩୦ କୁଇଣ୍ଟାଲ ବିହନ ଆବଶ୍ୟକ ଥିବା ବେଳେ ୨୦୧୮ରେ ମାତ୍ର ୨ କୁଇଣ୍ଟାଲ ବିହନ ଯୋଗାଣ ହୋଇଛି । ଗତ ୪ ବର୍ଷ ଧରି ଗବେଷଣା କେନ୍ଦ୍ରର ବିକ୍ରୟ କେନ୍ଦ୍ରକୁ ବିହନ ଆସିବା ବନ୍ଦ ହୋଇଯାଇଛି । ପ୍ରାୟ ୯୦ ପ୍ରତିଶତ ଚାଷ ଜିଲାରେ କମିଛି ବୋଲି ସେ ପ୍ରକାଶ କରିଛନ୍ତି । ଡେରାବିଶର ହଳଧର ଦାଶ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ, ଖଣି ଅଥବା ବୃହତ୍ ମଧ୍ୟମ ଧରଣର ଉଦ୍ୟୋଗ ନାହିଁ । କୃଷି ହିଁ ଜିଲାବାସୀଙ୍କ ପାଇଁ ଏକମାତ୍ର ଅର୍ଥନୀତି ହୋଇଛି । ଏହି ଅର୍ଥକାରୀ ଫସଲ ଲଳିତା ଚାଷ ପ୍ରତି ସରକାରୀ ପ୍ରୋତ୍ସାହନ ଅଭାବ ଝୋଟ ଚାଷକୁ ବିମୁଖ କରୁଛି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ଲାଷ୍ଟିକ ଅଖା ପ୍ରଚଳନ ବନ୍ଦ କରାଯାଇ ଝୋଟ ବ୍ୟାଗକୁ ପ୍ରୋତ୍ସାହିତ କରାଯିବ । ଏହାସତ୍ତ୍ୱେ ସରକାରୀ ସହଯୋଗ ମିଳୁ ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି । ଚଳିତ ବର୍ଷ ୧୨ ଏକର ଜମିରେ ଲଳିତା ଚାଷ କରିଥିବା କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତର ନିରଞ୍ଜନ ପରିଡା କୁହନ୍ତି, କେନ୍ଦ୍ରାପଡ଼ାର ମାଟି ଲଳିତା ଚାଷ ପାଇଁ ଉପଯୁକ୍ତ । ଏହି ଚାଷ କରି କଲିକତାକୁ ଝୋଟ ପଠାଇବା ସହିତ ମିଠା ଓ ପିତା ଲଳିତା ବିକ୍ରି ହେଉଥିଲା । ଏଥିସହିତ ଦୀପାବଳିରେ କାଉଁରିଆ କାଠି ବିକ୍ରି କରାଯାଇ ହାତକୁ ବେଶ ଦୁଇ ପଇସା ଆସୁଥିଲା । ତେବେ କୃଷି ବିଭାଗର ଅପାରଗତା ଯୋଗୁ ଚଳିତ ବର୍ଷ ବିହନ ମିଳିବା ସମ୍ଭବ ହେଲାନାହିଁ । ଫଳରେ ଖୋଲା ବଜାରରୁ ଆଣିଥିବା ବିହନରୁ ଉପଯୁକ୍ତ ଅମଳ ମିଳିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି । ପାରିପଙ୍ଗରାର ସରସ୍ୱତୀ ସାମଲ କୁହନ୍ତି, ଝୋଟକୁ ବ୍ୟବହାର କରି ଏକ କୁଟୀର ଶିଳ୍ପ ଅଛି । ସ୍ୱୟଂ ସହାୟକ ଗୋଷ୍ଠୀର ୬୦ରୁ ଊର୍ଦ୍ଧ୍ୱ ମହିଳା ଏହାକୁ ପରିଚାଳନା କରୁଛନ୍ତି । ସ୍ଥାନୀୟ ଅଞ୍ଚଳରେ ଝୋଟ ନ ଥିବାରୁ ବାହାର ଜିଲାରୁ ଏହାକୁ କ୍ରୟ କରିବାକୁ ପଡୁଛି । ଝୋଟ ତିଆରି ସାମଗ୍ରୀ ପ୍ରତିଦ୍ୱନ୍ଦୀ ବଜାରରେ ସୁଲଭ ମୂଲ୍ୟରେ ଯୋଗାଇ ଦେଇ ପାରୁନାହୁଁ। ଗୋଷ୍ଠୀ ଉତ୍ପାଦର ଲାଭାଂଶ କମିଯାଉଛି ବୋଲି ସେ ମତ ଦେଇଛନ୍ତି ।

## ରାଜନଗର ବ୍ଲକ ଏନ୍‌ପିଏସ୍ ଶିକ୍ଷକ ସଂଘର ପୁନର୍ଗଠନ


ରାଜନଗର ବ୍ଲକ୍ ଏନ୍‌ପିଏସ୍ ଶିକ୍ଷକ ସଂଘ କର୍ମକର୍ତ୍ତାମାନେ ଦାବି ଉପସ୍ଥାପନ କରୁଛନ୍ତି।

**ରାଜନଗର, ୨୩।୯ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ମାଧ୍ୟମିକ ସ୍କୁଲର ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଏକ ବୈଠକ ରାଜନଗର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସଂଘର ଆହ୍ୱାନ କ୍ରମେ ଚଳିତମାସ ୨୮ ତାରିଖରେ ଏହି ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇବେ। ସେମାନଙ୍କ ଦାବି ୬ ବର୍ଷର ବରିଷ୍ଠତା, ୬ଟି ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ, ପୁରୁଣା ପେନସନ ଲାଗୁ କରିବା ପାଇଁ ଦାବି କରାଯାଇଛି। ଏହି ଅବସରରେ ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ କୁମାର ବରାଳଙ୍କ ପୌରୋହିତ୍ୟରେ ରାଜନଗର ବ୍ଲକର ନୂତନ ପେନସନଭୁକ୍ତ ଶିକ୍ଷକ ସଂଘର ପୁନର୍ଗଠନ କରାଯାଇଥିଲା। ଏଥିରେ ଜିଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୁନର୍ଗଠନ କମିଟିରେ ସଭାପତି ଭାବେ ଶୁଭ୍ରଜ କୁମାର ବରାଳ, କାର୍ଯ୍ୟକାରୀ ସଭାପତି ଶାନ୍ତନୁ କୁମାର ସୁତାର, ଉପସଭାପତି ସଞ୍ଜୁଲତା ଜେନା, ଅରବିନ୍ଦ ଦାସ, ପ୍ରଳୟ କୁମାର ମଳିକ, ସମ୍ପାଦକ ମାନସ ରଞ୍ଜନ ମିଶ୍ର, ସଙ୍ଗଠନ ସମ୍ପାଦକ ଅମୂଲ୍ୟ କୁମାର ଦାସ, ସହ ସମ୍ପାଦକ ମନୋରଞ୍ଜନ ନାୟକ, ରାକେଶ ବେହେରା, ସ୍ୱପ୍ନାରାଣୀ ସାହୁ, କୋଷାଧ୍ୟକ୍ଷ କ୍ଷୀତିଶ କୁମାର ପାତ୍ର, ଜିଲା ସଂଯୋଜକ ରାମସ୍ୱାମୀ ଲେଙ୍କା, କୈଳାସ ଚନ୍ଦ୍ର କୁଣ୍ଡ, ମିଡିଆ ସଂଯୋଜକ ସତ୍ୟପ୍ରକାଶ ନାୟକ, ସୌମ୍ୟ ରଞ୍ଜନ ଶୁକ୍ଳା ପ୍ରମୁଖ ନିର୍ବାଚିତ ହୋଇଥିଲେ। ବରିଷ୍ଠ ଶିକ୍ଷକ ବିରଞ୍ଚି ପ୍ରସାଦ ଜେଠୀ, ପ୍ରମୋଦ କୁମାର ପଣ୍ଡା, ରଞ୍ଜନ କୁମାର ରାଉଳ, ପ୍ରଦୀପ କୁମାର ସ୍ୱାଇଁ, ଚିନ୍ମୟୀ ସାମନ୍ତରାୟ, ସ୍ନେହଲତା ମାଝିଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। ପରେ ଜିଲା କାର୍ଯ୍ୟକାରୀ ସଭାପତି ବେହେରା ଓ ନୂତନ ସଭାପତି ବରାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଗୋକୁଳାନନ୍ଦ ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକାଙ୍କୁ ରାସ୍ତାରୁ ଟାଣି ନେଇ ବଳାତ୍କାର ଉଦ୍ୟମ

### ଅଭିଯୁକ୍ତ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦିଆଗଲା

**ରାଜନଗର,୨୩।୯(ଭାସ୍କର ରାଉତରାୟ)**

ରାଜନଗର-ପଟ୍ଟାମୁଣ୍ଡାଇ ରାସ୍ତାର ସାନବଡ଼ଗୋପାଳପୁର ନିକଟରେ ଜଣେ ନାବାଳିକାଙ୍କୁ ରାସ୍ତା ଉପରୁ ବୁଦାମୂଳକୁ ଟାଣି ନେଇ ବଳାତ୍କାର ଉଦ୍ୟମ କରାଯାଇଛି । ଶନିବାର ରାତି ପ୍ରାୟ ୮ ଟା ସମୟରେ ଏହି ଘଟଣା ଘଟିଛି। ନାବାଳିକାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଦୋକାନୀ ଓ ପଥଚାରୀମାନେ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି।

ସୂଚନା ଅନୁଯାୟୀ, ରାଜନଗର ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟ ନାବାଳିକା ରାଜନଗର ବଜାରରୁ ମାର୍କେଟିଂ କରି ସାଇକେଲରେ ଘରକୁ ଫେରୁଥିଲେ। ସାନବଡ଼ଗୋପାଳପୁର ନିକଟରୁ ରାଜନଗର ଥାନା ଅନ୍ତର୍ଗତ ଡିଆପାରି ଗାଁର ବାପୁଜୀ ସେଠୀ(୨୧) ତାଙ୍କ ପଛେ ପଛେ ଯାଇଥିଲେ। ରାଜନଗର-ପଟ୍ଟାମୁଣ୍ଡାଇ ରାସ୍ତା ନିଛାଟିଆ ଦେଖି ଯୁବକ ଜଣକ ନାବାଳିକାଙ୍କ ଚୁଟିକୁ ଧରି ସାଇକେଲରୁ ଟାଣି ଫୋପାଡ଼ି ଦେଇଥିଲେ। ନାବାଳିକା ରାସ୍ତା ଉପରେ ପଡିଯିବାରୁ ଯୁବକ ଜଣକ ତାଙ୍କ ଗୋଡ଼କୁ ଧରି ଘୋଷାରି ରାସ୍ତାପାର୍ଶ୍ୱରେ ଥିବା ବୁଦାମୂଳକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ । ନାବାଳିକାଙ୍କ ଚିତ୍କାର ଶୁଣି ନିକଟରେ ଥିବା ବ୍ୟବସାୟୀ ଓ ପଥଚାରୀ ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଯୁବକଙ୍କୁ କାବୁ କରି ରାଜନଗର ପୋଲିସ ଜିମା ଦେଇଥିଲେ । ନାବାଳିକାଙ୍କ ଗୋଡ଼, ହାତରେ କ୍ଷତ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ରାଜନଗର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୀଡ଼ିତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଏ ସଂକ୍ରାନ୍ତରେ ନାବାଳିକା ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଆନ୍ଦୋଳନରେ ସାମିଲ ହେବ ଆଳି ସରପଞ୍ଚ ମହାସଂଘ


ଆଳି ସରପଞ୍ଚ ମହାସଂଘ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକ।

**ଆଳି,୨୩।୯(ବନମାଳୀ ସେନାପତି )**

ରାଜ୍ୟର ପ୍ରତି ପଞ୍ଚାୟତସ୍ତରରୁ ନିର୍ବାଚିତ ହୋଇଥିବା ସରପଞ୍ଚମାନେ ସେମାନଙ୍କ ୧୫ ଦଫା ଦାବି ନେଇ ରାଜ୍ୟ ସରପଞ୍ଚ ସଂଘ ଡାକରାରେ ଭୁବନେଶ୍ୱରରେ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏହି ଆନ୍ଦୋଳନରେ ପର୍ଯ୍ୟାୟ କ୍ରମେ ଜିଲା ଓ ପ୍ରତି ବ୍ଲକର ସରପଞ୍ଚମାନେ ମଧ ସାମିଲ ହେବାରେ ଲାଗିଛନ୍ତି । ଏହି ଅବସରରେ ଶନିବାର ପୂର୍ବାହ୍ନରେ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ୩୪ ପଞ୍ଚାୟତର ସରପଞ୍ଚମାନଙ୍କୁ ନେଇ ଆଳି ସରପଞ୍ଚ ମହାସଂଘ ଗଠନ କରାଯାଇଛି । ଆଳି ମହାସଂଘର ସଭାପତି ଭାବେ ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁଙ୍କୁ ଚୟନ କରାଯାଇଥିବା ବେଳେ ଉପସଭାପତି ଭାବେ ବାଳକାଟି ସରପଞ୍ଚ ସୁକାନ୍ତି ପରିଡା, ସମ୍ପାଦକ ସଂସିଧା ସରପଞ୍ଚ ଦୀପକ ଭୂୟାଁ, ସହ ସମ୍ପାଦକ ସିଙ୍ଗିରି ସରପଞ୍ଚ ଅକ୍ଷୟ କୁମାର ଦାସ, କୋଷାଧକ୍ଷା ଦେମାଳ ସରପଞ୍ଚ ରୀତାରାଣୀ ପରିଡାଙ୍କୁ ଚୟନ କରାଯାଇଛି। ସଂଘ ସଭାପତି ସାହୁ ପ୍ରକାଶ କରିଛନ୍ତି, ଆସନ୍ତା ସୋମବାର ହେବାକୁ ଥିବା ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ସରପଞ୍ଚମାନେ ସହଯୋଗ କରିବେ ନାହିଁ। ଆଳି ବ୍ଲକର ସରପଞ୍ଚମାନେ ରାଜ୍ୟ ସରପଞ୍ଚ ସଂଘ ପକ୍ଷରୁ ଆରମ୍ଭ ହୋଇଥିବା ଆନ୍ଦୋଳନରେ ସାମିଲ ହେବେ ।

## ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ୩୦ରେ ଥାନା ଘେରାଉ

### ଦଳିତ ଯୁବକକୁ ମରଣାନ୍ତକ ଆକ୍ରମଣ ଘଟଣା

**ରାଜନଗର,୨୩।୯(ଭାସ୍କର ରାଉତରାୟ)**

ରାଜନଗର ଥାନା ଅନ୍ତର୍ଗତ ଡେରା ଗ୍ରାମର ୨ଜଣ ଯୁବକ ପଟ୍ଟାମୁଣ୍ଡାଇ ଥାନା ଅଧୀନ ମାଳିପୁର ଗ୍ରାମର ଜଣେ ଯୁବକକୁ ଭୋଜି ଖାଇବାକୁ ଡକାଇ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଘଟଣାରେ ସମ୍ପୃକ୍ତ ଯୁବକମାନଙ୍କୁ ପୋଲିସ ଦେଢମାସ ବିତି ଯାଇଥିଲେ ମଧ୍ୟ ଗିରଫ କରିନାହିଁ। ପୋଲିସର ନିଷ୍କ୍ରିୟତା ବିରୋଧରେ ଆକ୍ରମଣର ଶିକାର ହୋଇଥିବା ଯୁବକଙ୍କୁ ନ୍ୟାୟ ଦେବା ପାଇଁ ଗୋପବନ୍ଧୁ ଜନସେବା ସଂଘ କର୍ମକର୍ତ୍ତା ଶନିବାର କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଭେଟି ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି । ୭ଦିନ ମଧ୍ୟରେ ଆକ୍ରମଣକାରୀଙ୍କୁ ଯଦି ପୋଲିସ ଗିରଫ ନ କରେ ରାଜନଗର ଗୋପବନ୍ଧୁ ଜନସେବା ସଂଘ ତରଫରୁ ରାଜନଗର ଥାନା ଘେରାଉ କରାଯିବ ବୋଲି ସଂଘର ସଭାପତି ନାରାୟଣ ପାଣି ଲିଖିତ ଭାବେ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଅଗଷ୍ଟ ୪ ରାତି ୧୦ଟାରେ ଡେରା ଗ୍ରାମର ଜିତେନ୍ଦ୍ର ଦାସ ଓ ଶୁକଦେବ ଭଦ୍ର ଟେଲିଫୋନ କରି ଗୋପବନ୍ଧୁ ଜନସେବା ସଂଘର ସଦସ୍ୟ ତଥା ପଟ୍ଟାମୁଣ୍ଡାଇ ଥାନା ମାଳିପୁର ଗ୍ରାମର ଆଶିଷ ମଲିକଙ୍କୁ ଭୋଜି ଖାଇବା ପାଇଁ ଡାକିଥିଲେ। ଆଶିଷ ହାତିନା ଗ୍ରାମ ନାରାୟଣ ପାଣିଙ୍କୁ ସାଥିରେ ଧରି ବାଇକ୍‌ରେ ଜିତେନ୍ଦ୍ରଙ୍କ ଘରେ ପହଞ୍ଚିଥିଲେ। ଷଡଯନ୍ତ୍ର ମୁତାବକ ଜିତେନ୍ଦ୍ର, ତାଙ୍କ ସାନଭାଇ ସାନୁ ଦାସ ଏବଂ ସହଯୋଗୀ ଶୁକଦେବ ଭଦ୍ର, ତାଙ୍କ ବଡଭାଇ ପବିତ୍ର ଭଦ୍ର ଏବଂ ୧୦ରୁ ୧୨ଜଣ ସହଯୋଗୀ ଲୁହାରଡ, ଖଣ୍ଡା, ଭୂଜାଲି, ବନ୍ଧୁକ ଓ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିବା ସହିତ ଆଶିଷ ପିନ୍ଧିଥିବା ସୁନା ଚେନ୍, ବ୍ରେସଲେଟ ଓ ନଗଦ ୨୫ ହଜାର ଟଙ୍କା ଛଡାଇ ନେଇଥିଲେ। ଆକ୍ରମଣ ଖବରପାଇ ଆଶିଷଙ୍କ ବଡଭାଇ ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ରାଜନଗର ଥାନାରେ ଆଶିଷ ଲିଖିତ ଅଭିଯୋଗ କରିବା ପରେ ରାଜନଗର ଥାନାରେ ଏକ ମାମଲା(ନଂ.୫୩୮/୨୩) ରୁଜୁ କରାଯାଇଛି। ଇତିମଧ୍ୟରେ ଦେଢମାସ ବିତି ଥିଲେ ମଧ୍ୟ ଆକ୍ରମଣକାରୀ ବ୍ୟକ୍ତିମାନେ ନିର୍ଭୟରେ ବୁଲୁଛନ୍ତି । ହେଲେ ପୋଲିସ ସେମାନଙ୍କୁ ଗିରଫ କରୁନାହିଁ। ଏ ସମ୍ପର୍କରେ ରାଜନଗର ଥାନା ଆଇଆଇସି ଅଜୟ କୁମାର ଜେନାଙ୍କୁ ପଚାରିବାରୁ ଅଭିଯୋଗ ପାଇଛୁ। ଏହି ଘଟଣାର ତଦନ୍ତ ଦାୟିତ୍ୱ ଡିଏସ୍‌ପିଙ୍କ ଅଧୀନରେ ରହିଛି । ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି ।

## ଭାଜପାର 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ

### ବହୁ ନେତୃମଣ୍ଡଳୀ ସାମିଲ ହେଲେ ନାହିଁ

**ରାଜକନିକା,୨୩।୯(ସଞ୍ଜୟ କୁମାର ଦାଶ)**

ଭାଜପାର ମୋ ମାଟି, ମୋ ଦେଶ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଓ ମିଶ୍ରଣ ପର୍ବ ଶନିବାର କେନ୍ଦ୍ରାପଡ଼ା ଜିଲା ରାଜକନିକାର ଦେଉଳତରାଠାରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଆଳି ନିର୍ବାଚନ ମଣ୍ଡଳୀ ଅଧୀନ ପଶ୍ଚିମ କନିକା ମଣ୍ଡଳ ୨୭ନଂ. ଜୋନ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଦେଉଳତରାଠାରେ ଶହୀଦ କିଶୋର ରାଉତଙ୍କ ସ୍ମୃତିପୀଠରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ନମତରା, ଚରପଡା ଓ ପଣଷଗଣ୍ଡ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା । ଏହି ଅବସରରେ ଶହୀଦ ସଚ୍ଚିଦାନନ୍ଦ ମଲ୍ଲିକ ଓ କିଶୋର ରାଉତଙ୍କ ସ୍ମୃତିପୀଠ ତଥା ପ୍ରତି ଘରୁ ପବିତ୍ର ମାଟି ସଂଗ୍ରହ କରାଯାଇଥିଲା। ପରେ ପଣଷଗଣ୍ଡଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ପ୍ରଭାରୀ ତଥା ଜିଲା ସାଧାରଣ ସମ୍ପାଦକ ଅଭିମନ୍ୟୁ ଗୋଛାୟତଙ୍କ ସଂଯୋଜନାରେ ଆୟୋଜିତ ମିଶ୍ରଣ ପର୍ବରେ ଆଳି ନିର୍ବାଚନ ମଣ୍ଡଳୀରୁ ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି କିଶୋର କୁମାର ପଣ୍ଡା, ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ରାଜ୍ୟ ପ୍ରବକ୍ତା ତେଜଶ୍ୱର ପରିଡା, ସଞ୍ଜୟ ରଥ, ଲୋକସଭା ବିସ୍ତାରକ ଅନୁପ ପରିଡା, ବିଧାନସଭା ବିସ୍ତାରକ ଯାଦବ ତ୍ରିପାଠୀ, ମଣ୍ଡଳ ସଭାପତି ଓମ ପ୍ରକାଶ ପତି, ରାଜେନ୍ଦ୍ର ବେହେରା, ଉମାକାନ୍ତ ନାୟକ ପ୍ରମୁଖଙ୍କ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ତଥା ଆଳି ନିର୍ବାଚନ ମଣ୍ଡଳୀର ନେତା ଦୋଳ ଗୋବିନ୍ଦ ନାୟକ, ଆଳି ନିର୍ବାଚନ ମଣ୍ଡଳୀ ସଂଯୋଜକ ରଶ୍ମି ରଞ୍ଜନ ବେହୁରା, ବ୍ରଜ ସୁନ୍ଦର ଭୂୟାଁ, ଆଶାଲତା ପଟ୍ଟନାୟକ, ପଶ୍ଚିମ କନିକା ମଣ୍ଡଳ ସଭାନେତ୍ରୀ ଅନୁରାଧା ସାମଲ ପ୍ରମୁଖଙ୍କୁ ଦେଖିବାକୁ ମିଳି ନ ଥିଲା । ସ୍ଥାନୀୟ ନେତୃମଣ୍ଡଳୀଙ୍କ ଅନୁପସ୍ଥିତି ଭାଜପାରେ ଫାଟ ବୋଲି ଚର୍ଚ୍ଚା ହୋଇଥିଲା।



ଭାଜପାର 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମରେ ସାମିଲ ନେତା ଓ କର୍ମୀ।

## ଅଧାପନ୍ତରିଆ ଆଦର୍ଶ ବିଦ୍ୟାଳୟ କାମ

**ଡେରାବିଶ,୨୩।୯(ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକରେ ୨୦୨୨ ଶିକ୍ଷା ବର୍ଷରେ ଆଦର୍ଶ ବିଦ୍ୟାଳୟ ଖୋଲାଯାଇଥିଲା । ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତରେ ଖାଲିପଡ଼ିଥିବା ବଟ ମହାପୁରୁଷ ବାଳିକା ଉଚ୍ଚବିଦ୍ୟାଳୟରେ ଅସ୍ଥାୟୀ ଭାବେ ଶିକ୍ଷାଦାନ ଆରମ୍ଭ କରାଯାଇଥିଲା । ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲା ଏହି ବିଦ୍ୟାଳୟର ଶୁଭାରମ୍ଭ କରିଥିଲେ। ସେହିବର୍ଷ ଏହି ବିଦ୍ୟାଳୟରେ ୯୧ ଛାତ୍ରୀଛାତ୍ର ନାମ ଲେଖାଇଥିଲେ । ହେଲେ ଏହି ବିଦ୍ୟାଳୟ ଏବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆଢୁଆଳରେ ରହିଛି । ୨୦୨୩ ଶିକ୍ଷା ବର୍ଷରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ପାସ୍ କରି ସପ୍ତମ ଶ୍ରେଣୀକୁ ଆସିଛନ୍ତି । ଚଳିତ ଶିକ୍ଷାବର୍ଷରେ ଷଷ୍ଠ ଶ୍ରେଣୀରେ ୮୪ ଜଣ ଛାତ୍ରୀଛାତ୍ର ନାମଲେଖାଇଛନ୍ତି । ଏହି ୨ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସଂଖ୍ୟା ଏବେ ୧୭୫ ରହିଛି । ଉଭୟ ଶ୍ରେଣୀରେ ଦୁଇଟି ଲେଖାଏ ସେକ୍ସନ ରହିଛି । ଏହି ବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ ପାଠାଗାର ନାହିଁ । ବିଦ୍ୟାଳୟ ପରିସରରେ ଶୌଚାଳୟ ଓ ପରିସ୍ରାଗାର ନ ଥିବାରୁ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଶିକ୍ଷୟିତ୍ରୀ ଶିକ୍ଷକମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି । ଅସରାଏ ବର୍ଷା ହେଲେ ବିଦ୍ୟାଳୟ ପଡ଼ିଆରେ ପାଣି ଜମି ବନ୍ୟାର ଭ୍ରମ ସୃଷ୍ଟି କରୁଛି। ଏପରି କି ଛାତ୍ରୀଛାତ୍ରଙ୍କ ବସିବା ପାଇଁ ବେଞ୍ଚ ଡେସ୍କ ନାହିଁ । ପିଲାମାନେ ତଳେ ବସି ପାଠ ପଢୁଛନ୍ତି । ଏଥିପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଥିଲେ ମଧ ଶିକ୍ଷାଧିକାରୀ ଏଯାଏ ବେଞ୍ଚ ଡେସ୍କ ଯୋଗାଇ ନ ଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟ ପରିସରରେ ହାପି ମେଳକ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ଚାଲୁଛି । ଗୃହ ଅଭାବରୁ ଗୋଟିଏ କୋଠରୀରେ ସ୍କୁଲ ଅଧକ୍ଷ ଓ ଶିକ୍ଷୟିତ୍ରୀ, ଶିକ୍ଷକ ବସି କାମ କରୁଥିବା ଦେଖିବାକୁ ମିଳିଛି ।



 କେନ୍ଦ୍ରାପଡ଼ା ପୂର୍ତ୍ତବିଭାଗର ବେପରୁଆ ନୀତି ପାଇଁ ବ୍ଲକ ଅଧୀନସ୍ଥ କୁରୁଜଙ୍ଗା-ବଡ଼ମଙ୍ଗରାଜପୁରଠାରେ ଆଦର୍ଶ ବିଦ୍ୟାଳୟର ନବନିର୍ମିତ ଗୃହ ଅଧପନ୍ତରିଆ ହୋଇ ପଡ଼ି ରହିଛି । ଏହି ଗୃହ ପାଇଁ ବିଭାଗ ପକ୍ଷରୁ ୭କୋଟି ୯୧ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଜଣେ ଠିକାଦାରଙ୍କୁ ପୂର୍ତ୍ତ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇଛି । ନିର୍ମାଣ କାର୍ଯ୍ୟ ୨୦୨୧ ସେପ୍ଟେମ୍ବର ୨୧ରୁ ଆରମ୍ଭ ହୋଇ ୨୦୨୨ ଅଗଷ୍ଟ ୧୯ରେ ଶେଷ ହେବା ପାଇଁ ଚୁକ୍ତି କରାଯାଇଥିଲା । ମାତ୍ର ଅବଧିର ୧୪ ମାସ ବିତିଯାଇଥିଲେ ମଧ ଏହି ଗୃହ କାର୍ଯ୍ୟ ଅଧପାନ୍ତରିଆ ହୋଇ ପଡ଼ିରହିଛି । ନିର୍ମାଣ ସଂକ୍ରାନ୍ତରେ ଆବଶ୍ୟକ ସୂଚନା ଫଳକ ମଧ ନାହିଁ। ପୂର୍ତ୍ତବିଭାଗର ଏଭଳି ବେପରୁଆ ମନୋଭାବ ପାଇଁ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି ବୋଲି ସାମାଜିକ କର୍ମୀ ହଳଧର ଦାଶ କହିଛନ୍ତି । ବ୍ଲକ ଅଞ୍ଚଳରେ ଏକମାତ୍ର ଆଦର୍ଶ ବିଦ୍ୟାଳୟ ପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଦାଶ ଅଭିଯୋଗ କରିଛନ୍ତି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜିଲାପାଳ ଥିବା ବେଳେ ଡେରାବିଶ ବିଡ଼ିଓ ଉପସଭାପତି ଅଛନ୍ତି । ବିଡ଼ିଓ ଦାଶରଥି ଜେନାଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ କୁହନ୍ତି, ତୁରନ୍ତ ନିର୍ମାଣ କାମ ଶେଷ କରିବାକୁ ପୂର୍ତ୍ତବିଭାଗ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଛି । ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଅପରପକ୍ଷେ ଠିକାଦାର ମନ୍ଥର ଗତିରେ କାମ କରୁଥିବାରୁ କେବେ କାମ ଶେଷ ହେବ ସେ ନେଇ ଅନିଶ୍ଚିତତା ଦେଖାଦେଇଛି ବୋଲି ବିଡ଼ିଓ ଜେନା କହିଛନ୍ତି । ଜେନାଙ୍କ ସୂଚନା ଅନୁଯାୟୀ ଅସ୍ଥାୟୀ ଭାବେ ଚାଲୁଥିବା ସ୍କୁଲ ପରିସରରେ ତୁରନ୍ତ ଶୌଚାଳୟ ଓ ପରିସ୍ରାଗାର ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି । ବିଦ୍ୟାଳୟର ଅଧକ୍ଷ ପ୍ରିୟବ୍ରତ ସ୍ୱାଇଁ କହନ୍ତି, ନିର୍ମାଣ କାମ ଶେଷ କରି ସେହି କୋଠାକୁ ହସ୍ତାନ୍ତର ପାଇଁ ବିଦ୍ୟାଳୟ ସଙ୍ଗଠନ ପୂର୍ତ୍ତ ବିଭାଗ ଅଧିକାରୀ ଓ ଜିଲାପାଳଙ୍କୁ ବାରମ୍ବାର ଚିଠି ମାଧମରେ ଅବଗତ କରାଯାଇଛି ବୋଲି କହିଛନ୍ତି । ଏ ବିଷୟରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ପତିଙ୍କୁ ପଚାରିବାରୁ ସେ କୁହନ୍ତି,କ ନିର୍ମାଣ କାମ ଶେଷ କରିବାକୁ ଠିକାଦାରଙ୍କୁ ବାରମ୍ବାର ଚିଠି ମାଧମରେ ନିର୍ଦ୍ଦେଶ ଦିଆଯାଉଛି । ମନ୍ଥର ଗତିରେ କାମ ଚାଲୁଥିବାରୁ ତୁରନ୍ତ କାମ ଶେଷ କରିବାକୁ ଠିକାଦାରଙ୍କୁ ଗୁରୁବାର ପୁଣି ଏକ ଚିଠି ଲେଖାଯାଇଛି ।

■ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗର ବେପରୁଆ ନୀତି
■ ଠିକାଦାରଙ୍କ ଉପରେ ଦୋଷ ଲଦିଲେ ଅଧିକାରୀ
■ ଅସ୍ଥାୟୀ ବିଦ୍ୟାଳୟରେ ପଢୁଛନ୍ତି ଛାତ୍ରୀଛାତ୍ର

## ସଂକ୍ଷେପରେ

### ଆଇନଜୀବୀଙ୍କୁ ସମ୍ବର୍ଦ୍ଧନା

ଆସିକା, ୨୩।୯ (ସୁରେନ୍ଦ୍ର ନାଥ ସାହୁ)

ଓଡ଼ିଶା ଆଇନଜୀବୀ ପରିଷଦର ସଦସ୍ୟ ରୂପେ ନିର୍ବାଚିତ ହୋଇଥିବା ଗଞ୍ଜାମ ଜିଲାର ଆଇନଜୀବୀ ପିତବାସ ପଣ୍ଡା ଓ ସଂଜୀତ କୁମାର ପାଣିଗ୍ରାହୀଙ୍କୁ ଶୁକ୍ରବାର ଆସିକା ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଓକିଲ ସଂଘ ସଭାପତି ରବୀନ୍ଦ୍ରନାଥ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଭୟ ଆଇନଜୀବୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢଉକନ ପ୍ରଦାନ ପୂର୍ବଖ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ଛବିଳରାମ ମିଶ୍ର, ସମ୍ପାଦକ ନାରାୟଣ ମୁନି, ପୂର୍ବତନ ସଭାପତି ସୁରେନ୍ଦ୍ରନାଥ ପଣ୍ଡାଙ୍କ ସମେତ ବହୁ ଆଇନଜୀବୀ ସାମିଲ ଥିଲେ ।

### ଦେଶୀମଦ ଜବତ, ଜଣେ ଗିରଫ

ଖଲ୍ଲିକୋଟ, ୨୩।୯ (ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଗୁହାରିଆପାଟ ଅଞ୍ଚଳରୁ ବାଇକ୍‌ରେ ଚୋରା ଦେଶୀମଦ ଚାଲାଣ ହେଉଥିବା ଖବର ପାଇ ପୋଲିସ ମୁକୁନ୍ଦପୁର ଛକରେ ଚଢ଼ାଉ କରିଥିଲା । ସେଠାରୁ ୬୦ ଲିଟର ଦେଶୀମଦ ସହ ଗୋଟିଏ ବାଇକ୍ ଜବତ କରିଥିଲା । ଚୋରା ଦେଶୀମଦ ଚାଲାଣ ଅଭିଯୋଗରେ କୋମଣ୍ଡ ଗ୍ରାମର ବି. ଭିମା ପାତ୍ରଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି । ଏ ନେଇ ପୋଲିସ ନଂ. ୬୬୩/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ ସୂଚନା ଦେଇଛନ୍ତି ।

### ରାସ୍ତାରୁ ବର୍ଷାଜଳ ନିଷ୍କାସନ ନ ହେଲେ ଧାରଣା

ଗଞ୍ଜାମ, ୨୩।୯ (ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ୩ ନମ୍ବର ୱାର୍ଡ ଯଶୋଦା ଡିଗ୍ରୀ ମହିଳା ମହାବିଦ୍ୟାଳୟ ନିକଟସ୍ଥ ସାହିରେ ବର୍ଷାଜଳ ନିଷ୍କାସନ ହୋଇନପାରି ମୁଖ୍ୟ ରାସ୍ତାରେ ଜମିରହି ଅଞ୍ଚଳବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ଏ ନେଇ ସ୍ଥାନୀୟ ସାହିବାସିନ୍ଦା ଏନ୍‌ଏସି ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଏହାର ସୁବ୍ୟବସ୍ଥା ନହେଲେ ଆଗାମୀ ଦିନରେ ସପରିବାରକୁ ନେଇ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି । ଜମି ରହିଥିବା ବର୍ଷାଜଳରେ ବିଷଧର ସରୀସୃପ ରହୁଥିବା ଲକ୍ଷ୍ୟ କରାଯାଉଛି । ଫଳରେ ଉକ୍ତ ରାସ୍ତାଦେଇ ଯିବା ଆସିବା କରୁଥିବା ଶିଶୁମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଏନେଇ ଏନ୍‌ଏସି ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି । ଜିଲା ପ୍ରଶାସନ, ସହରାଞ୍ଚଳ ପ୍ରକଳ୍ପ ଅଧିକାରୀଙ୍କୁ ମଧ୍ୟ ଅଞ୍ଚଳବାସୀଙ୍କ ତରଫରୁ ଏନେଇ ଅବଗତ କରାଯାଇଛି ।

### ପିପୁଲ୍ସ କଲେଜରେ ସଫେଇ କାର୍ଯ୍ୟକ୍ରମ

ବୁଗୁଡ଼ା, ୨୩।୯ (କାଳୀଚରଣ ଦାଶ): ସ୍ଥାନୀୟ ପିପୁଲ୍ସ କଲେଜର ଏନ୍‌ଏସ୍‌ଏସ୍ ୟୁନିଟ୍-୨ ପକ୍ଷରୁ ନିକଟସ୍ଥ କୁବେରେଶ୍ୱର ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମହିଳା ୟୁନିଟର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଶୁଭସ୍ମିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଏବଂ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ପ୍ରଦୀପ କୁମାର ଦାଶ ଯୋଗଦେଇ ଛାତ୍ରୀମାନଙ୍କୁ ସ୍ୱଚ୍ଛତା ରକ୍ଷା ଦିଗରେ ମାର୍ଗ ଦର୍ଶନ କରିବା ସହ ଉତ୍ସାହିତ କରିଥିଲେ । ଏହି ଅବସରରେ ୫୦ଜଣ ଛାତ୍ରୀ ମନ୍ଦିର ପରିସରକୁ ସଫେଇ କରିଥିଲେ ।

# ଛେଲାଗଡ଼ ପଞ୍ଚାୟତରେ କଲେଜ, ମେଡିକାଲ ପ୍ରତିଷ୍ଠା ଦାବି

ଆର.ଉଦୟଗିରି, ୨୩।୯ (ମନୋଜ କୁମାର ପାଢୀ)



ଛେଲାଗଡ ପଞ୍ଚାୟତବାସୀ ।

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଛେଲାଗଡ ପଞ୍ଚାୟତ ଏକ ଦୁର୍ଗମ ଘଞ୍ଚ ଜଙ୍ଗଲ ଏବଂ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ଏହି ଅଞ୍ଚଳରେ ଚାରିରୁ ପାଞ୍ଚ ଖଣ୍ଡ ପଞ୍ଚାୟତ ସହ ପ୍ରାୟ ପଚିଶି ହଜାରରୁ ଅଧିକ ଜନସଂଖ୍ୟା ବସବାସ କରନ୍ତି । ଛେଲାଗଡ ପଞ୍ଚାୟତର ଖ୍ରୀଷ୍ଟପୁର ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି । ସେଠାରୁ ଶତ ପ୍ରତିଶତ ପିଲା ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୁଅନ୍ତି । କିନ୍ତୁ ଗରିବ ଶ୍ରେଣୀର ପିଲା ହୋଇଥିବାରୁ ଅର୍ଥାଭାବ ଯୋଗୁ ଉଚ୍ଚ ଶିକ୍ଷା ପଢ଼ିବାକୁ ଇଚ୍ଛା ଥିଲେ ମଧ୍ୟ ପଢ଼ିପାରୁନାହାନ୍ତି । ପରିବାର ଲୋକେ ମଜୁରୀ କାମ କରି ପିଲାମାନଙ୍କ ଭବିଷ୍ୟତ ପାଇଁ ଇଚ୍ଛା ଥିଲେ ମଧ୍ୟ ପଢ଼ାଇବାକୁ ଛାଡିପାରୁନାହାନ୍ତି । ପିଲାମାନେ ଦେଖିଥିବା ସ୍ୱପ୍ନ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ କେମିତି । ସରକାର ଯଦି ଏହି ଛେଲାଗଡ଼ ପଞ୍ଚାୟତରେ ଗୋଟିଏ ଉଚ୍ଚ ମହାବିଦ୍ୟାଳୟର ସୁବିଧା କରନ୍ତି ତାହାହେଲେ ଅଞ୍ଚଳର ଶିକ୍ଷା ଏବଂ ପିଲାମାନଙ୍କ ଆଶା ପୂରଣ ହୋଇପାରନ୍ତା । ପୁଣି କୌଣସି ଗର୍ଭବତୀ ମା' କିମ୍ବା କୌଣସି ବ୍ୟକ୍ତି ଯଦି ଦୁର୍ଘଟଣା ହୁଏ ତେବେ ଆମ୍ବୁଲାନ୍ସ ଆସିବା ବହୁ କଷ୍ଟର ବିଷୟ । ତେଣୁ ଏକ ସ୍ୱାସ୍ଥ୍ୟ କେନ୍ଦ୍ର ହେଲେ ପ୍ରାୟ ତିନିରୁ ଚାରିଟି ପଞ୍ଚାୟତର ଗରିବ ଖଟିଖିଆ ଲୋକେ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇପାରିଥାନ୍ତେ । ଛେଲାଗଡ ପଞ୍ଚାୟତର ସରପଞ୍ଚ ଡାଳିମ୍ବ ଗମାଙ୍ଗ ଏବଂ ସମିତି ସଭ୍ୟା ଶିବାନୀ ଦଳବେହେରା ଏବଂ ଅଞ୍ଚଳର ବୁଦ୍ଧିଜୀବୀ ଗୁହାରୀ କରିଛନ୍ତି ଯେ, ଅଞ୍ଚଳବାସୀ ପାଇଁ ସରକାର ଏକ ଉଚ୍ଚ ମହାବିଦ୍ୟାଳୟ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରନ୍ତୁ ।

# ନିମିନାରେ ନଳ ଯାତ୍ରା

ଆସିକା, ୨୩।୯ (ସୁରେନ୍ଦ୍ର ନାଥ ସାହୁ)



ଗ୍ରାମରେ ନଳକୁ ପୂଜାର୍ଚ୍ଚନା ।

ଆସିକା ବ୍ଲକ ଅନ୍ତର୍ଗତ ନିମିନା ଗ୍ରାମରେ ଶନିବାର ନଳଯାତ୍ର ଉତ୍ସବ ପାଳିତ ହୋଇଥିଲା । ମଧ୍ୟାହ୍ନରେ ୩ଟି ଲମ୍ବା ବାଉଁଶରେ ଶାଢୀ, ଚୁଡି, ସିନ୍ଦୁର, ଫୁଲମାଳ ଲଗାଇ ଗ୍ରାମର ଆରାଧ୍ୟ ଦେବୀ ମା ରତ୍ନେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା । ସେଠାରୁ ବାଦ୍ୟବାଜଣା ପଟୁଆରରେ ଗ୍ରାମବାସୀ ଦେବୀଙ୍କ ପ୍ରତିମ ସ୍ୱରୂପ ଏହି ନଳକୁ ଧାରଣରେ କରି ଗ୍ରାମ ଉପକଣ୍ଠ ମାଳତି ପାହାଡ ସଂଲଗ୍ନ ରଙ୍ଗ ଚିଟିଆ ପାହାଡରେ ବିଜେ କନ୍ଧୁଣୀ ଦେବୀଙ୍କ ମନ୍ଦିରକୁ ଯାଇଥିଲେ । ସେଠାରେ ଦେବୀଙ୍କ ଆବାହନ ପରେ ପାହାଡର ପାଦଦେଶରେ ଥିବା ବନଦୁର୍ଗାଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ପରେ ରତ୍ନେଶ୍ୱରୀ, କନ୍ଧୁଣୀଦେବୀ ଓ ବନଦୁର୍ଗାଙ୍କ ପ୍ରତିକ ସଦୃଶ୍ୟ ଏହି ତିନୋଟି ନଳକୁ ଧରି ଗ୍ରାମବାସୀ ଗ୍ରାମ ପରିକ୍ରମା କରିବା ସହ ରତ୍ନେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ । ଗ୍ରାମରେ ଫସଲକୁ ରୋଗ ଓ ପୋକ ଦାଉରୁ ରକ୍ଷା କରିବା ସାଙ୍ଗକୁ ପଶୁ ସମ୍ପଦ ଓ କୃଷକଙ୍କ କୃଷିର ସୁରକ୍ଷା ଲାଗି ୩ ଠାକୁରାଣୀଙ୍କୁ ନେଇ ଏଭଳି ପୂଜାର୍ଚ୍ଚନା କେଉଁ ଆବାହମାନ କାଳରୁ ହୋଇ ଆସୁଛି । ଗ୍ରାମର ଅରୁଣ ଚର୍ଚ୍ଚି, ଭଗବାନ ଚର୍ଚ୍ଚି ଓ ପଞ୍ଚୁ ପ୍ରଧାନ ନଳ ଧାରଣ କରିଥିଲା ବେଳେ ନିମିନା ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଚ୍ଚି, ସମିତି ସଭ୍ୟ ପ୍ରତିନିଧି ଶଶାଙ୍କ ଚର୍ଚ୍ଚି, ଯୋଗି ପ୍ରଧାନ, ବିଚିତ୍ର ଦଳାଇ, ନରସିଂହ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗୀ ଥିଲେ ।

# ନିମ୍ନ ମାନର ରାସ୍ତା, ଭୁଶୁଡିଲା ପିଏମ୍‌ଜିଏସ୍‌ୱାଇ କଲଭର୍ଟ

ଫୁଲବାଣୀ/ଗୋଚ୍ଛାପଡା, ୨୩।୯ (ରାକେଶ କୁମାର ରାଉତ/ରୋହିତ କହଁର)



ଭାଙ୍ଗି ଯାଇଥିବା କଲଭର୍ଟ ।

କନ୍ଧମାଳ ଜିଲାରେ ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନାରେ ହେଉଥିବା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଛି । ଦୀର୍ଘ ବର୍ଷ ଧରି ଅଧିକାରୀମାନେ ଗୋଟିଏ ଷ୍ଟେଶନରେ ରହିଥିବାରୁ ଏହି ଯୋଜନାରେ ହେଉଥିବା କାର୍ଯ୍ୟ ଠିକାଦାରମାନେ ମନ ଇଚ୍ଛା କାମ କରୁଛନ୍ତି । ଏଥିରେ ସେମାନଙ୍କୁ ବିଭାଗୀୟ ଯନ୍ତ୍ରୀ ସମ୍ପୂର୍ଣ୍ଣ ଭାବେ ସହଯୋଗ କରୁଛନ୍ତି । ଆରଡି(ଗ୍ରାମ ନିର୍ମାଣ ବିଭାଜନ) ବିଭାଗରେ ଏଭଳି କାର୍ଯ୍ୟ ସବୁ ବେଳେ ପଦାକୁ ଆସୁଛି । ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ଏଭଳି ଦୃଶ୍ୟ ଜିଲାର ଗୋଚ୍ଛାପଡା ଥାନା ଅଂଚଳରେ ଦେଖିବାକୁମିଳିଛି । ମୁଣ୍ଡାସାହିଠାରୁ ଗାଡିପଦର ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ହୋଇଥିବା ରାସ୍ତାରେ ପୋଲ/କଲଭର୍ଟ ଭୁଶୁଡି ଯାଇଛି । ଫଳରେ ୧୦ଟି ଗ୍ରାମ ଗାଡିପଦର, କ୍ଷେତାପାଜୁ, କିଲୁପାଙ୍ଗା ଆଦିର ଲୋକେ ଯାତାୟାତ କରି ପାରୁ ନାହାନ୍ତି । ଅପରପକ୍ଷେ ଗୋଚ୍ଛାପଡା ମେଡିକାଲକୁ ମଧ୍ୟ ଜରୁରୀ କାଳୀନ ଅବସ୍ଥାରେ ରୋଗୀ ଆସି ପାରୁ ନାହାନ୍ତି । ବର୍ଷା କମିଲା ପରେ କାମ ହେବ ବୋଲି ବିଭାଗୀୟ ଏସ୍‌ଡିଓ ସୁଶୀଲ ମହାନ୍ତି ସୂଚନା ଦେଇଛନ୍ତି ।

### ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ଖଜୁରିପଡ଼ା, ୨୩।୯ (ବିଦୁର ବେହେରା)– ଦେଶର ଶହୀଦ ବୀର ଯବାନମାନଙ୍କ ସମ୍ମାନାର୍ଥେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମେରୀ ମାଟି ମେରା ଦେଶ' (ମୋ ମାଟି, ମୋ ଦେଶ) ଅଭିଯାନ ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ପଞ୍ଚାୟତର ମାଁ ବରାଳ ଦେବୀ ପବିତ୍ର ପୀଠରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ବଲସକୁମ୍ପା ଭାଜପା ମଣ୍ଡଳ ସଭାପତି ରାଜେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶନିବାର ଆୟୋଜିତ ହୋଇଥିଲା । ଭାଜପା ନେତାମାନେ ସର୍ବପ୍ରଥମେ ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ବରାଳ ଦେବୀଙ୍କ ଦର୍ଶନ କରିବା ପରେ ମନ୍ଦିରରୁ ମାଟି ସଂଗ୍ରହ କରି ବଲସକୁମ୍ପା ଗ୍ରାମର ପ୍ରତ୍ୟେକ ଘର ବୁଲି ମାଟି ସଂଗ୍ରହ କରିଥିଲେ । କାର୍ଯ୍ୟକ୍ରମରେ ଉମା ଚରଣ ମଲ୍ଲିକ, ସୁବାସ ଜାନି, ସରୋଜ ସାହୁ, ଭଗବାନ ଗୁରୁ, ସରୋଜ ମଲ୍ଲିକ, ରଘୁନାଥ ସାହାଣୀ, ଦେବାଶିଷ ପ୍ରିୟଦର୍ଶନ ସାହୁ, ନବାତି ଜାନି ଯୋଗ ଦେଇଥିଲେ ।

### ଜ୍ୟୋତିର୍ବିଦଙ୍କ ବିୟୋଗ

ଧରାକୋଟ, ୨୩।୯ (ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତର କେନ୍ଦୁପଲି ଗ୍ରାମର ଜଣାଶୁଣା ଜ୍ୟୋତିର୍ବିଦ, ଶିକ୍ଷକ ତଥା କର୍ମକାଣ୍ଡ ପୁରୋହିତ ଦଣ୍ଡପାଣି ତ୍ରିପାଠୀ(୮୦)ଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର ନୀଳକଣ୍ଠ, ମନୋଜ, ଧର୍ମରାଜ, ଝିଅ ମାଧୁରୀ ଓ ସସ୍ମିତା ଉପସ୍ଥିତ ରହିଥିଲେ ।

# ଛାତ୍ରୀଛାତ୍ରଙ୍କ ଷ୍ଟ୍ରବେରୀ ଚାଷଜମି ପରିଦର୍ଶନ



ଛାତ୍ରୀମାନଙ୍କ ସହ ଏସ୍‌ଏଚ୍‌ଜି ଗୋଷ୍ଠୀ ସଦସ୍ୟ ।

ଦାରିଙ୍ଗବାଡ଼ି, ୨୩।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଧନ୍ଦାମୂଳକ ଶିକ୍ଷା ନେଉଥିବା କୃଷି ବିଭାଗର ଏକାଦଶ ଓ ଦ୍ୱାଦଶ ଛାତ୍ରୀଛାତ୍ରମାନେ ଷ୍ଟ୍ରବେରୀ ଚାଷଜମି ପରିଦର୍ଶନ କରିଛନ୍ତି । ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଷ୍ଟ୍ରବେରୀ ଚାଷ ସମ୍ପର୍କିତ କୃଷି ଶିଳ୍ପ ଉପରେ ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ବିଦ୍ୟାଳୟର ବିଭାଗୀୟ ତାଲିମଦାତା ହରପ୍ରିୟା ବେହେରା ଏହି ତାଲିମ ପ୍ରଦାନ କରିଥିବା ବେଳେ ଇଂଲିଶ ଶିକ୍ଷୟିତ୍ରୀ ଶର୍ମିଷ୍ଠା ପ୍ରଧାନ ଉପସ୍ଥିତ ରହି ଗାଇଡ୍ କରିଥିଲେ । ୨୦୨୨ରେ ଦାରିଙ୍ଗବାଡ଼ିରେ ଏହି ଷ୍ଟ୍ରବେରୀ ଚାଷ ପରୀକ୍ଷାମୂଳକ ଭାବେ କରାଯାଇଥିବା ବେଳେ ଏହା ଦାରିଙ୍ଗବାଡ଼ି ଅଞ୍ଚଳର ଜଳବାୟୁରେ ସଫଳ ଭାବେ ଅମଳ ହୋଇପାରିଛି । ଏହା କିଭଳି ଚାଷ କରାଯାଏ, ଏହାର ଚାଷ ପ୍ରଣାଳୀ, ବୈଷୟିକ ଶିକ୍ଷା ଆଦି ପ୍ରଦାନ କରାଯାଇଥିଲା । ଛାତ୍ରୀଛାତ୍ରମାନଙ୍କ କୃଷି କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ ଏହି ତାଲିମ ପ୍ରଦାନ କରାଯାଇଛି । ଏହି ତାଲିମ ବେଳେ ଷ୍ଟ୍ରବେରୀ ଚାଷ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ରହି ଏହି ଚାଷ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ ।

# ଗୋଲିଆରେ ପୋଷଣ ମାସ ପାଳନ ଉତ୍ସବ

ବୁଗୁଡା, ୨୩।୯ (କଳୀଚରଣ ଦାଶ):

ବୁଗୁଡା ବ୍ଲକ ଅନ୍ତର୍ଗତ ଗୋଲିଆ ଅଙ୍ଗନୱାଡି ତୃତୀୟ କେନ୍ଦ୍ରରେ ସେକ୍ଟରସ୍ତରୀୟ ପୋଷଣ ମାସ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥି ନିମନ୍ତେ ଅନୁଷ୍ଠିତ ଏକ ବୈଠକରେ ସିଡିପିଓ ବବିତା କୁମାରୀ ପଣ୍ଡା, ଅଞ୍ଚଳ ପରିଦର୍ଶିକା କୁସୁମ ପଣ୍ଡା ଯୋଗଦେଇ ପୋଷଣ ମାସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ପୋଷଣ ଯୁକ୍ତ ଖାଦ୍ୟର ଆବଶ୍ୟକତା ଓ ଉପକାରିତା ବିଷୟରେ ପ୍ରାଞ୍ଜଳ ଭାବେ ଆଲୋଚନା କରିଥିଲେ । ଏଥିରେ ଉପସ୍ଥିତ ଗର୍ଭବତୀ ମହିଳା, ପ୍ରସୂତି, କିଶୋରୀ ବାଳିକା, ବାଳକ ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଖାଇବା ପାଇଁ ଅଧିକାରୀମାନେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଖେଳ, ଗୀତ ଓ କୁଇଜର ପ୍ରତିଯୋଗିତା ହୋଇଥିଲା । ପ୍ରସୂତି ମା' ବିଜୟଲକ୍ଷ୍ମୀ ଦୋରା, କିଶୋରୀ ବାଳିକା ରାଜେଶ୍ୱରୀ ବେହେରା, ଜ୍ୟୋତ୍ସ୍ନା ଡାକୁଆ ଓ ବିଷ୍ଣୁପ୍ରିୟା ବେହେରା ଏବଂ ପ୍ରି ସ୍କୁଲ୍ ଶିଶୁ ଗଣେଶ ବେହେରା ଓ ଟି ବେବି ଦୋରା ଆଦିଙ୍କୁ ଅଧିକାରୀମାନେ ପୁରସ୍କୃତ କରିଥିଲେ । ଶେଷରେ ଅଙ୍ଗନୱାଡି କର୍ମୀ ଗୋଲାପ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରକ୍ତଦାନ ଶିବିର, ୨୭ ପ୍ୟାକେଟ୍ ସଂଗୃହୀତ



ଭଞ୍ଜନଗର, ୨୩।୯ (ବାବୁଲା ପ୍ରଧାନ)

ଭଞ୍ଜନଗର କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ (କେଏସ୍‌ୟୁବି)ରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ଜ୍ୟୋତି ରଞ୍ଜନ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କଲେଜ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ସେବା ଯୋଜନା ମାଧ୍ୟମରେ ହେଉଥିବା ରକ୍ତଦାନ ଶିବିର ଏକ ଭଲ କାର୍ଯ୍ୟକ୍ରମ ବୋଲି କହିଥିଲେ । ଏନ୍‌ସିସି ନାଭାଲ ଅଫିସର ଡ. ରବୀନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଯୋଜନା ଅଧିକାରୀ ଅଧ୍ୟାପକ ସନାତନ ବେହେରା, ଅଧ୍ୟାପିକା ସସ୍ମିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିବିରରୁ ୨୭ ପ୍ୟାକେଟ ରକ୍ତ ସଂଗୃହୀତ ହୋଇଥିଲା । ଭଞ୍ଜନଗର ବ୍ଲଡ ବ୍ୟାଙ୍କ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ ।

### ୩୦ ୟୁନିଟ୍ ରକ୍ତ ସଂଗୃହୀତ

ବାଲିଗୁଡ଼ା, ୨୩।୯ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ାସ୍ଥିତ ଆଦିବାସୀ ମହାବିଦ୍ୟାଳୟ ପରିସରରେ ଥିବା ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶନିବାର ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି, ୟୁବ ରେଡକ୍ରସ୍ କନ୍ଧମାଳ ଜିଲା ସଂଯୋଜକ ଡ. ବିଭୂତି ଭୂଷଣ ଆଚାର୍ଯ୍ୟ, ଯୋଜନା ଅଧିକାରୀ ଅଧ୍ୟାପକ ଦୁଷ୍ମନ୍ତ କୁମାର ଶବର, ଅଧ୍ୟାପିକା ଅରୁନ୍ଧତୀ ପ୍ରଧାନ, କ୍ରୀଡ଼ା ଶିକ୍ଷକ ଗଙ୍ଗାଧର ପଣ୍ଡା, ଅଧ୍ୟାପକ ହିମାଂଶୁ ଚରଣ ସାହୁ, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଓ ରକ୍ତଭଣ୍ଡାର କର୍ମଚାରୀମାନେ ଉପସ୍ଥିତ ଥିଲେ । ଏଥିରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ମହାବିଦ୍ୟାଳୟ ସଫେଇ କର୍ମଚାରୀ କୁନି ନାୟକ, ଅଧ୍ୟାପକ ଯୁଗଳ କିଶୋର ପ୍ରଧାନ, ଯୋଜନା ଅଧିକାରୀ ଅଧ୍ୟାପକ ଦୁଷ୍ମନ୍ତ କୁମାର ଶବରଙ୍କ ସମେତ ଛାତ୍ରୀଛାତ୍ରମାନେ ମଧ୍ୟ ରକ୍ତଦାନ କରିଥିଲେ ।

# ବିଡିଓଙ୍କ ସ୍ୱାସ୍ଥ୍ୟକେନ୍ଦ୍ର, ବିଦ୍ୟାଳୟ ପରିଦର୍ଶନ

- ବିଭିନ୍ନ ପ୍ରକଳ୍ପ ଦେଖିଲେ, ଛାତ୍ରୀଛାତ୍ରଙ୍କୁ ପଢ଼ାଇଲେ
- ମୁଁ ବି ପଢ଼ିବି, ମୁଁ ବି ଲେଖିବିରେ ସାମିଲ ହେଲେ ବିଡିଓ

ଦାରିଙ୍ଗବାଡ଼ି, ୨୩।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ଅଧୀନରେ ଥିବା ସିମନବାଡି ପଞ୍ଚାୟତ ଅଞ୍ଚଳକୁ ଶନିବାର ଦାରିଙ୍ଗବାଡ଼ି ବିଡିଓ ଗଦାଧର ପାତ୍ର ଗସ୍ତ କରିଛନ୍ତି । ସେ ପୂର୍ବାହ୍ନରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପହଞ୍ଚି ରୋଗୀମାନଙ୍କ ସହ ଆଲୋଚନା କରିଥିଲେ । ସ୍ୱାସ୍ଥ୍ୟସେବା ଓ ଔଷଧ ବଣ୍ଟନ ସଠିକ ଭାବରେ କରାଯାଉଛି କି ନାହିଁ ଓ ଆବଶ୍ୟକ ଔଷଧ ଗଚ୍ଛିତ ଅଛିକି ନାହିଁ ତାହା ଫାର୍ମାସିଷ୍ଟ ସୁଶାନ୍ତ କୁମାର ସାହୁଙ୍କୁ ପଚାରି ବୁଝିଥିଲେ । ଏଥିସହ ଆଟେଣ୍ଡାଣ୍ଟ ସତ୍ୟରଞ୍ଜନ ମିଶ୍ରଙ୍କୁ ଆବଶ୍ୟକ ମୌଳିକ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଚିହ୍ନଟ କରାଯାଇଥିବା ଜମି ବୁଲିଦେଖିବା ସହ ଶୀଘ୍ର ନୂତନ କୋଠା କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଥିଲେ । ପରେ ସେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇ ପିଲାଙ୍କୁ ପାଠ ପଢ଼ାଇଥିଲେ । ହିନ୍ଦୀ, ଇଂରାଜୀ, ଓଡ଼ିଆ ସମ୍ପର୍କରେ ଲେଖିବା, କହିବା ସହ ବିଭିନ୍ନ ନାଚ, ଗୀତ ଆଦି ସମ୍ପର୍କରେ ପିଲାଙ୍କ ସହ ବାର୍ତ୍ତାଳାପ କରିଥିଲେ । ମୁଁ ପଢ଼ିବି ମୁଁ ଲେଖିବି କାର୍ଯ୍ୟକ୍ରମରେ ପିଲାଙ୍କ ସହ ଅଂଶ ଗ୍ରହଣ କରିଥିଲେ ବିଡିଓ ଗଦାଧର ପାତ୍ର । ପରେ ବିଦ୍ୟାଳୟ କାର୍ଯ୍ୟାଳୟ ଯାଇ ଉପସ୍ଥାନ ଯାଞ୍ଚ ସହ ବିଦ୍ୟାଳୟର ଶିକ୍ଷୟତ୍ରୀମାନଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ବିଦ୍ୟାଳୟରେ ପାଚେରି, ଖେଳପଡିଆର ଉନ୍ନତି ସହ ଶ୍ରେଣୀ କୋଠା ମରାମତି, ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ବିଡିଓ କହିଛନ୍ତି । ପରେ ବିଡିଓ ଜଗନ୍ନାଥ ମନ୍ଦିରରେ ଚାଲିଥିବା କଲ୍ୟାଣମଣ୍ଡପ କାର୍ଯ୍ୟ, ପୋଖରୀ ଉନ୍ନୟନ କାର୍ଯ୍ୟ ସମେତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ । ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚାଲିଥିବା କାର୍ଯ୍ୟ ବୁଲି ଦେଖିବା ସହ ଜିଆଇ ଟ୍ୟାଗ କରିଥିଲେ । ତାଙ୍କ ସହ ଲୋକ ପ୍ରତିନିଧି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପରମେ ପ୍ରଧାନ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ

ମୋହନା, ୨୩।୯ (ମନ୍ମଥ ମିଶ୍ର): ଓଡ଼ିଶା ଶ୍ରମଜୀବୀ ଏକତା ମଞ୍ଚ ତରଫରୁ ଅନ୍ତରବା ଗ୍ରାମ୍ୟ ମଣ୍ଡପଠାରେ ଶ୍ରମିକ ମାନଙ୍କ ଅଧିକାର ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଂଗଠନ ଜିଲା ସଭାପତି ଟିଂଟି ମଳିକ ସଭାପତିତ୍ୱ କରିଥିବା ବେଳେ ସମାଜସେବୀ ଫାଉଷ୍ଟିନ୍ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଅଂଶଗ୍ରହଣ କରିଥିଲେ । ଆଇନଜୀବୀ ଦୁର୍ଯ୍ୟୋଧନ କରଡ଼ା ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ଶ୍ରମିକ ସାମାଜିକ ସୁରକ୍ଷା ଓ ସରକାରୀ ସହାୟତା ବିଷୟରେ ପ୍ରାଞ୍ଜଳ ଭାବେ ଆଲୋକପାତ କରିଥିଲେ । ଅଞ୍ଚଳର ୧୦୨ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା । ସଂଗଠନ ସଂଯୋଜକ ଅରକ୍ଷିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅସହାୟଙ୍କୁ ଯୁବ ନେତା ଇଂ.ରୂପେଶଙ୍କ ସହାୟତା

ଗୁମ୍ମା, ୨୩।୯ (ପ୍ରବୀଣ କୁମାର ଲିମା): ଗଜପତି ଜିଲା ଗୁମ୍ମା ବ୍ଲକ ବାଇଝାଲ ଗ୍ରାମରେ ସାଧୁ ଭିନସେଣ୍ଟ କାର୍ଯ୍ୟକ୍ରମ ପ୍ରତିବର୍ଷ କିଛି ଗରିବ ଅନାଥ, ବିଧବା, ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ କରାଯାଏ । ଏହି କାର୍ଯ୍ୟକ୍ରମରେ ବିଜେଡି ଯୁବ ନେତା ଇଂ. ରୁପେଶ ପାଣିଗ୍ରାହୀ ଉପସ୍ଥିତ ରହି ଗରିବ ବୃଦ୍ଧ, ବିକଳାଙ୍ଗ, ଅନାଥ ପିଲାମାନଙ୍କୁ କିଛି ଅର୍ଥ ପ୍ରଦାନ କରିବା ସହ ବୟସ୍କ ଲୋକମାନଙ୍କ ପାଇଁ ହାଇଟେକ ମେଡିକାଲ ତରଫରୁ ବାଇଜାଲ ପଞ୍ଚାୟତରେ ଆସନ୍ତା ମାସରେ ଚକ୍ଷୁ ନିରୀକ୍ଷଣ କାର୍ଯ୍ୟକ୍ରମ କରାଯିବ ବୋଲି କହିଥିଲେ । ପଞ୍ଚାୟତର ପ୍ରତ୍ୟେକ ଗ୍ରାମର ବୟସ୍କ ଲୋକମାନଙ୍କୁ ମାଗଣାରେ ଚକ୍ଷୁ ଚିକିତ୍ସା କରାଯାଇ ତୁରନ୍ତ ଚଷମା ମାଗଣାରେ ଦିଆଯିବ ବୋଲି କହିଥିଲେ । ଏହି ଅବସରରେ ଗୁମ୍ମା ବ୍ଲକ ଚେୟାରମେନ ସୁନେମି ମଣ୍ଡଳ, ବିଜେଡିର ରାଜ୍ୟ ସମ୍ପାଦକ ମାରୁତ ପାଳ, ସ୍ଥାନୀୟ ସରପଞ୍ଚ ନାହୁମ ଗମାଙ୍ଗ, ପୂର୍ବତନ ଜିଲାପରିଷଦ ପ୍ରେମିକା ରଇତ, ବୃଷବ ସମିତିସଭ୍ୟ ବୁଲୁ ରଇତ, ଅପିନ ଭୂୟାଁ ଏବଂ ଅନେକ କର୍ମୀ ଉପସ୍ଥିତ ଥିଲେ ।

# କଣ୍ଢେଇ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇଛନ୍ତି ଦିବ୍ୟାଙ୍ଗ ମହିଳା



କଣ୍ଢେଇ ପ୍ରସ୍ତୁତ ହେଉଛି ।

ଛତ୍ରପୁର, ୨୩।୯ (ସନ୍ତୋଷ ପାଢ଼ୀ): ଭଳିକି ଭଳି ସୁନ୍ଦର ସୁନ୍ଦର କଣ୍ଢେଇ । ଗଣେଶ, ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଏମିତି ଅନେକ ମୂର୍ତ୍ତି ସହ ପିଲାଙ୍କ ଖେଳଣା ପାଇଁ ଶଗଡ଼, ରାଜାରାଣୀ, ଘୋଡା, ମାଛ, ଘରଚଟିଆ ବସା, ଘର ଓ ଅଫିସର ସୌନ୍ଦର୍ଯ୍ୟକୁ ଦୁଇ ଗୁଣିତ କରିବା ପାଇଁ ଦିବ୍ୟାଙ୍ଗ ମହିଳାମାନେ ନଡ଼ିଆ କତାରେ ତିଆରି କରୁଛନ୍ତି ସୁନ୍ଦର ମନଲୋଭା କଣ୍ଢେଇ । ଗଞ୍ଜାମ ଜିଲା ବଳରାମପୁରର ୭ଜଣ ଦିବ୍ୟାଙ୍ଗ ମହିଳା ମିଶି ଏହିସବୁ କାର୍ଯ୍ୟ କରୁଛନ୍ତି । ପୂର୍ବରୁ ନିଜକୁ ଅକ୍ଷମ ଭାବି ଘରେ ବସି ରହୁଥିଲେ । ଦିନେ ଗ୍ରାମର ଜଣେ ଶିକ୍ଷିତ ମା' ଆସି ସେମାନଙ୍କୁ ଏକତ୍ରିତ କରି କିଛି ଟଙ୍କା ରୋଜଗାର କରିବାର ପନ୍ଥା ଦେଖାଇ ମନରେ ଆସା ସଞ୍ଚାର କରିଥିଲେ । ଏବଂ କିଛି ଦିନ ପରେ ଜଣେ କଣ୍ଢେଇ କାରିଗରଙ୍କୁ ଡାକି ଏକ ସପ୍ତାହ ଧରି ଶିକ୍ଷା ଗ୍ରହଣ କରିଥିଲେ । ପରେ ନଡ଼ିଆ କତା ମଗାଇ ସେଥିରେ ରଙ୍ଗ ବେରଙ୍ଗ ସୂତା ସହ ଅନେକ ପ୍ରକାର ସାମଗ୍ରୀ ମିଶାଇ ଅତି ସୁନ୍ଦର ସୁନ୍ଦର ମୂର୍ତ୍ତି କଣ୍ଢେଇ, ଘର ସାମଗ୍ରୀ, ଏମିତି ଅନେକ ପ୍ରକାର ଘରକୁ ସୁନ୍ଦର ଲାଗିବା ସହ ପିଲାଙ୍କ ଖେଳନା ଆଦି ପ୍ରସ୍ତୁତ କରି ଏବେ ରୋଜଗାରକ୍ଷମ ହୋଇପାରିଛନ୍ତି । ଏଭଳି କଣ୍ଢେଇ ଲୋକଙ୍କୁ ଅଧିକ ପସନ୍ଦ ଆସୁଥିବା ହେତୁ କଣ୍ଢେଇର ତିଆରି ମୂଲ୍ୟ ଠାରୁ ଅଧିକ ଲାଭ ହୋଇଥିବା କହିଛନ୍ତି । ଏଭଳି କାମ କରି ନିଜେ ସ୍ୱାବଲମ୍ବୀ ହେବାସହ ଘରର ଆର୍ଥିକ ସ୍ଥିତିରେ ମଧ୍ୟ ସହଯୋଗ କରିପାରୁଛନ୍ତି । ଏହି କଣ୍ଢେଇ ତିଆରି କଳାକୁ ଆହୁରି ଆଗକୁ ନେବାକୁ ଇଚ୍ଛା ଥିବା ବେଳେ ସରକାରଙ୍କ ସହଯୋଗ ଲୋଡିଛନ୍ତି ।

# ହୁମ୍ମାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



ସଫେଇ କରାଯାଉଛି ।

ଗଞ୍ଜାମ, ୨୩।୯ (ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ହୁମ୍ମା ଫାଣ୍ଡି ସମ୍ମୁଖ ଜାତୀୟ ରାଜପଥ ପାର୍ଶ୍ୱରେ ପଡିରହିଥିବା ଅଳିଆ ଆବର୍ଜନାକୁ ପ୍ରଥମେ ସଫେଇ କରାଯିବା ପରେ ସ୍ଥାନୀୟ ବୀରଭଦ୍ର ହାଇସ୍କୁଲ ପରିସରକୁ ସ୍ୱଚ୍ଛ କରାଯାଇଥିଲା । ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତବାସୀ ଦୁଇଘଣ୍ଟା ଶ୍ରମଦାନ କରି ସଫେଇ କରିଥିଲେ । ରବିବାର ହୁମ୍ମା ହାଟ ଓ ବଟେଶ୍ୱର ମୁଖ୍ୟ ରାସ୍ତାକୁ ସଫେଇ କରାଯିବ ବୋଲି ସମିତିସଭ୍ୟ ଧ୍ରୁବ ଚରଣ ପଲାଇ ପ୍ରକାଶ କରିଛନ୍ତି । ସମିତିସଭ୍ୟ ପଲାଇଙ୍କ ସହ ସରପଞ୍ଚ ଜାନାକୀ ଦାସ, ଜିପିଓ ଶ୍ରୀକାନ୍ତ ଗୌଡ଼, ପିଇଓ ଗୌରାଙ୍ଗ ଲେଙ୍କା, ଜିଆର୍‌ଏସ୍ ସଚ୍ଚିଦାନନ୍ଦ ନାୟକ, ଯୋଗାଣ ଅଧିକାରୀ ନବୀନ ସିଂ ପ୍ରମୁଖଙ୍କ ସହ ପଞ୍ଚାୟତର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ ।

